THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର

୧୬ ପୃଷ୍ଠା

ମନୋରଞ୍ଜନ | ରବିବାର ମ୍ୟାଗାଜିନ୍ | ରବିବାର, ୩୦ ନଭେମ୍ବର, ୨୦୨୫



ଧନୁଷ-କ୍ରିତିଙ୍କ କେମିଷ୍ଟ୍ରି

# ବାୟୁରେ ବିଷ



# ଶ୍ରୀ ରାମକୃଷ୍ଣ ଚରିତାମୃତ (୨୨)

**ମନୋଜ କୁମାର ମହାପାତ୍ର**

ଭକ୍ତିଶାସ୍ତ୍ରରେ ବର୍ଣ୍ଣିତ ଶାନ୍ତ, ଦାସ୍ୟ, ବାତ୍ସଲ୍ୟ ଓ ମଧୁରଭାବର ସାଧନାକୁ ବର୍ତ୍ତମାନ ଶ୍ରୀ ରାମକୃଷ୍ଣ ପୂରା କରିସାରିଲେଣି । ସେଥିମଧ୍ୟରୁ ପ୍ରତ୍ୟେକ ସାଧନାରେ ସେ ଅନୁଭବ କରିଥିଲେ ଏକ ତତ୍ତ୍ୱ । ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର ଆଧାତ୍ମିକ ଅନୁଭବ କେବଳ ବିବିଧତା ପାଇଁ ହେଇଛି । କେବେ କେବେ ସେ ସ୍ୱଇଚ୍ଛାରେ ସେସବୁ ଅନୁଭବ କରୁଥିଲେ । ପୁଣି କେବେ ତାଙ୍କର ଆଧାତ୍ମିକ ସ୍ୱଭାବର ବେଗବତୀ ଧାରା ତାଙ୍କୁ ଆଧାତ୍ମିକ ଅନୁଭୂତିର ଅନ୍ୟ ଦିଗକୁ ନେଇଯାଉଥିଲା । ସେ ବିଭିନ୍ନ ଦେବଦେବୀ ତଥା ପ୍ରାଚୀନ ଅବତାର ମହାପୁରୁଷମାନଙ୍କ ସଙ୍ଗେ ବାର୍ତ୍ତାଳାପ କରୁଥିଲେ । ଅନେକ ଦୁର୍ଲଭ ଦିବ୍ୟଦର୍ଶନ ଦ୍ୱାରା ସେ ପରିପୁଷ୍ଟ ହେଉଥିଲେ । ସେସବୁ ଦର୍ଶନ ଦ୍ୱୈତର ସୀମା ଭିତରେ ସୀମିତ ଥିଲା । ଅବଶ୍ୟ ଏପରି ଦର୍ଶନର ଆଧାତ୍ମିକ ଅନୁଭୂତି ଚରମାବସ୍ଥା ନଥିଲା । ତାଙ୍କର ଚରମାବସ୍ଥା ପ୍ରାପ୍ତି ହେବାକୁ ବାକି ଥିଲା । ଏହି ଚରମାବସ୍ଥାରେ ସାଧକ ଉପନୀତ ହେଲେ ଜ୍ଞାନ, ଜ୍ଞାତା ଓ ଜ୍ଞେୟ ଏକ ଅବିଭାଜ୍ୟ ଚେତନ ତତ୍ତ୍ୱରେ ଏକୀଭୂତ ହେଇଯାଏ । ଏହା ଏମିତି ଏକ ଅବସ୍ଥା ଯେଉଁଠି ଦେଶ ମହାଶୂନ୍ୟରେ ଅଦୃଶ୍ୟ ହୋଇଯାଏ, କାଳ ଅନନ୍ତରେ ଅନ୍ତର୍ହିତ ହେଇଯାଏ ଏବଂ ନିମିତ୍ତ ଅତୀତ ସ୍ୱପ୍ନ ହେଇଯାଏ । କେବଳ ସେ ହିଁ ଏହି ଅବସ୍ଥାକୁ ଜାଣିପାରେ, ଯିଏ ଏହାକୁ ଅନୁଭବ କରିପାରେ । ଏହା ପରମ ଶାନ୍ତିର ଅବସ୍ଥା ଅଟେ । ନିଜର ଅନ୍ତିମ ସଂଘର୍ଷ ପରେ ଆତ୍ମା ସାପେକ୍ଷ ସତ୍ତାର ଅନ୍ତିମ ପ୍ରାଚୀରକୁ ଲଙ୍ଘିଯାଏ, ଜଡ଼ ଜଗତର କାରାଗାରାକୁ ଭାଙ୍ଗି ବ୍ରହ୍ମଙ୍କର ଅନନ୍ତ ମହିମାମୟ ସ୍ୱରୂପରେ ଲୀନ ହୋଇଯାଏ । ଏହାକୁ ନିର୍ବିକଳ୍ପ ସମାଧି କୁହଯାଏ ଯାହା ଅଦ୍ୱୈତ ଦର୍ଶନର ସର୍ବୋଚ୍ଚ ଶିଡ଼ି ଅଟେ । ଏହା ମନୁଷ୍ୟର ଆଧାତ୍ମିକ ସାଧନାର ପରମ ମହିମାମଣ୍ଡିତ ଅବସ୍ଥା ତଥା ଆଧାତ୍ମିକ ବିକାଶକ୍ରମର ଅନ୍ତିମ ଗତି ଅଟେ । ଏହାପରେ ପୁନର୍ବାର ଜନ୍ମ ନାହିଁ, ମୃତ୍ୟୁ ନାହିଁ, ଶରୀରର ପରିବର୍ତ୍ତନ ସହିତ କୌଣସି ସମ୍ପର୍କ ମଧ୍ୟ ନାହିଁ । ସେ ଏହି ସାପେକ୍ଷ ଜଗତର ସମସ୍ତ ବିକାରକୁ ଜୀର୍ଣ୍ଣ ବସ୍ତ୍ର ଭଳି ତ୍ୟାଗ କରିଦିଏ । ସେ ଏକମେବାଦ୍ୱିତୀୟ ଶାଶ୍ୱତ ବ୍ରହ୍ମଙ୍କ ସହିତ ଏକାତ୍ମତାର ଅନୁଭବ କରିନିଏ । ଏଥିରେ କୌଣସି ସନ୍ଦେହ କରିବାର ପ୍ରଶ୍ନ ଉଠୁନାହିଁ ଯେ ଶ୍ରୀ ରାମକୃଷ୍ଣ ଏହି ଅବସ୍ଥାର ପ୍ରାପ୍ତି କରିବାରେ ସର୍ବଶ୍ରେଷ୍ଠ ଅଧିକାରୀ ଥିଲେ । ସେତେବେଳକୁ ତାଙ୍କର ସାଧନା-ଭୂମି ଭଲ ଭାବରେ କର୍ଷଣ ହେଇ ସାରିଥିଲା, କେବଳ ମଞ୍ଜି ବୁଣିବା ବାକି ଥିଲା ।

ଏହି ସମୟରେ ଦକ୍ଷିଣେଶ୍ୱରର ଉଦ୍ୟାନ ଭିତରେ ଏକ ଅଦ୍ଭୁତ ସନ୍ନ୍ୟାସୀଙ୍କର ପଦାର୍ପଣ ହେଲା । ତାଙ୍କର ନାମ ଥିଲା ତୋତାପୁରୀ । ଶରୀରର ଗଠନ ଥିଲା ପଞ୍ଜାବ ଦେଶର ଲୋକ ଭଳି । ଅବଶ୍ୟ ସେ କମ୍ ବୟସରେ ସଂସାର ତ୍ୟାଗୀ ହେଇଥିଲେ । ସେ ଜଣେ ଯୋଗୀଙ୍କ ପାଖରୁ ଦୀକ୍ଷା ନେଇଥିଲେ । ସେହି ଯୋଗୀ ଥିଲେ ଏକ ନାଗା ସମ୍ପ୍ରଦାୟର ଆଖଡାର ଜଣେ ମହନ୍ତ । କୁହାଯାଉଥିଲା ଯେ ତୋତାପୁରୀ ନର୍ମଦା ନଦୀ କୂଳରେ କେଉଁ ଏକ ନିର୍ଜନ ବଣରେ ସାଧନାରତ ଥିଲେ ଏବଂ ଚାଳିଶ ବର୍ଷ ଧରି କଠୋର ତପସ୍ୟା କରି ନିର୍ବିକଳ୍ପ ସମାଧିର ଉପଲବ୍ଧି ପାଇଥିଲେ । ଗୁରୁଙ୍କର ଦେହାନ୍ତ ପରେ, ତାଙ୍କ ସ୍ଥାନରେ ସେ ମହନ୍ତ ପଦବୀରେ ଅଧିଷ୍ଠିତ ହେଇଥିଲେ । ସେ ଥିଲେ ଜୀବନ୍ମୁକ୍ତ ସନ୍ନ୍ୟାସୀ । ସାଂସାରିକ ଦୁଃଖ, ସୁଖ ପ୍ରତି ସେ ଥିଲେ ସର୍ବଦା ନିଃସ୍ପୃହ ଓ ଉଦାସୀନ । ସୁତରାଂ ସେ ଜୀବନର ଶେଷ ଭାଗ ତୀର୍ଥସ୍ଥାନ ଭ୍ରମଣରେ ବିତେଇବାକୁ ନିଷ୍ପତ୍ତି ନେଲେ । ନିର୍ଦ୍ୱନ୍ଦ୍ୱ ସିଂହ ଭଳି ସେ ସାରା ଦେଶ ଭ୍ରମଣ କରୁଥିଲେ । ପୁରୀ ଏବଂ ଗଙ୍ଗା ସାଗରର ଯାତ୍ରା କରି ଗଙ୍ଗା କୂଳେ କୂଳେ ଫେରିବା ସମୟରେ ଏକଦା ଦକ୍ଷିଣେଶ୍ୱରରେ ପହଞ୍ଚିଥିଲେ ଏବଂ ସେଠାରେ ଶ୍ରୀ ରାମକୃଷ୍ଣଙ୍କ ସଙ୍ଗେ ତାଙ୍କର ଭେଟ ହୋଇଥିଲା ।

ଶ୍ରୀ ରାମକୃଷ୍ଣଙ୍କ ତେଜସ୍ୱୀ ଦିବ୍ୟ ଓ ଆଧାତ୍ମିକ ଚେହେରା ଦେଖି ତୋତାପୁରୀ ତତକ୍ଷଣାତ୍ ଆକର୍ଷିତ ହେଲେ ଏବଂ ଭାବିଲେ ଯେ ଏହି ଯୁବକ ଜଣେ ନିଶ୍ଚିତ ଦେବଦୁର୍ଲଭ ବ୍ୟକ୍ତିତ୍ୱ । କେବଳ ସେତିକି ନୁହେଁ, ସେ ଏକ ଉଚ୍ଚକୋଟୀର ସତ୍ୟାନୁସନ୍ଧାନୀ ସାଧକ ମଧ୍ୟ ଅଟନ୍ତି । ଅତ୍ୟନ୍ତ ପ୍ରଭାବିତ ହୋଇ ତୋତାପୁରୀ, ଶ୍ରୀ ରାମକୃଷ୍ଣଙ୍କୁ ପଚାରିଲେ- 'ହେ ଯୁବକ! ତୁମେ କ'ଣ ବେଦାନ୍ତରେ ସାଧନା କରିବାକୁ ଚାହିଁବ ?' ଏତାଦୃଶ୍ୟ ପ୍ରଶ୍ନରେ ଶ୍ରୀ ରାମକୃଷ୍ଣ ସହଜ ଉତ୍ତରଟିଏ ଦେଇଥିଲେ - 'ମୁଁ କିଛି ଜାଣିନାହିଁ, ସବୁକିଛି ମୋ ମା' ଉପରେ ନିର୍ଭର କରେ । ଯଦି ସେ ଆଜ୍ଞା ଦେବେ, ତାହାଲେ ତୁମ ରାୟ ସ୍ୱୀକାର କରିବି ।' (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯



# ପ୍ରତି ଓଡ଼ିଆଙ୍କ ଘର ମୁରବୀ : ମହାପ୍ରଭୁ ଶ୍ରୀଜଗନ୍ନାଥ

**କବୀର କୁମାର ଜେନା**

**'ନୀଳାଦ୍ରୌ ଶଙ୍ଖମଧ୍ୟେ ଶତଦଳକମଳେ ରତ୍ନସିଂହାସନସ୍ଥମ୍**
**ସର୍ବାଲଙ୍କାରଯୁକ୍ତମ୍ ନବଘନରୁଚିରଂ ସଂଯୁକ୍ତଂ ଚାଗ୍ରଜେନ,**
**ଭଦ୍ରାୟାଃ ବାମଭାଗେ ରଥଚରଣଯୁକ୍ତଂ ବ୍ରହ୍ମରୁଦ୍ରେନ୍ଦ୍ର ବନ୍ଦ୍ୟମ୍**
**ବେଦାନାଂ ସାରମୀଶଂ ସ୍ୱଜନ ପରିବୃତଂ ବ୍ରହ୍ମଦାରୁ ସ୍ମରାମି ।।'**

ବ୍ରାହ୍ମ ମୁହୂର୍ତ୍ତ, ବଡ଼ି ଭୋରୁ ଶଯ୍ୟାତ୍ୟାଗ ସମୟରୁ ହିଁ ପ୍ରତିଟି ଓଡ଼ିଆ ମହାପ୍ରଭୁଙ୍କୁ ସ୍ମରଣ କରି ତା'ର ଦିନଟି ଭଲରେ ଭଲରେ କଟେଇ ଦେବା ପାଇଁ ପ୍ରାର୍ଥନା କରିଥାଏ । ଆଉ ରାତିରେ ଶେଯକୁ ଗଲାବେଳେ ଦିନଟି ଭଲରେ ବିତିଥିବାରୁ ଭରା ଅନ୍ତରରେ କୃତଜ୍ଞତା ଜଣାଇ ଆଗତ ଦିନଟି ପାଇଁ କୃପା ଓ ସମ୍ଭାବନାର ପ୍ରାର୍ଥନା କରି ମଥାନତ ପ୍ରଣାମଟି ଜଣାଇ ବିଶ୍ରାମ ନେଇଥାଏ । ସତରେ ମହାପ୍ରଭୁଙ୍କୁ ନେଇ ହିଁ ଆମ ଜୀବନ । ସେ ହେଉଛନ୍ତି ଏ ବିଶ୍ୱ ବ୍ରହ୍ମାଣ୍ଡର ସ୍ରଷ୍ଟା, ପରିଚାଳକ ଏବଂ ରକ୍ଷକ । ସେ ହେଉଛନ୍ତି ଭାବର ଆଉ ଭକ୍ତିର ପୂର୍ଣ୍ଣବ୍ରହ୍ମ, ମହାପ୍ରଭୁ ଶ୍ରୀଜଗନ୍ନାଥ । ଯାହାଙ୍କୁ ଟିକିଏ ଆଖି ପୁରାଇ ଏହି ଚର୍ମନେତ୍ରକୁ ପୁଣ୍ୟତାରେ ଭରି ଦେବା ପାଇଁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଛୁଟୁଥାନ୍ତି ପୁରୀ ତାଙ୍କୁ ଦେଖିବା ମାତ୍ରେ ଆଖି ଯୁଗଳ ଲୋତକରେ ଭରି ଯାଏ ଆଉ ବାୟୁ ଠାରୁ ମଧ୍ୟ ଆହୁରି ହାଲକା ହୋଇଯାଏ ତନମନ । ସେହି କଳା ଶ୍ରୀମୁଖଙ୍କୁ ଟିକିଏ କୋଳାଗ୍ରତ କରିବାକୁ ସମସ୍ତଙ୍କର ଇଚ୍ଛା ହୋଇଥାଏ । ଆଉ ତାଙ୍କରି ବଡ଼ ବଡ଼ ଚକା ଆଖିର ସାଗରରେ ନିଜକୁ ହଜେଇ ଦେବା ପାଇଁ ଶ୍ରଦ୍ଧାଳୁଟି ଇପ୍ସିତ ପ୍ରାର୍ଥନା କରିଥାଏ ।

ସେ ହେଉଛନ୍ତି ଆମ ଓଡ଼ିଆଙ୍କ ଘର ମୁରବୀ, ସେ ହେଉଛନ୍ତି କୋଟି ବ୍ରହ୍ମାଣ୍ଡର ନିୟନ୍ତା ଓ ବ୍ରହ୍ମାଣ୍ଡ ନାଥ କରୁଣା ସାଗର ପୂର୍ଣ୍ଣବ୍ରହ୍ମ ପରମବ୍ରହ୍ମ ମହାପ୍ରଭୁ ଶ୍ରୀ ଜଗନ୍ନାଥ । ତାଙ୍କ ଦିବ୍ୟଲୀଳାର ମହିମା ବର୍ଣ୍ଣନା ତାଙ୍କ କୃପାର ଗୁଣ କୀର୍ତ୍ତନ ଯେତେ ଭଜନ ହେଉ ବା ଜଣାଣ, ସମର୍ପଣ ହେଉ ବା ଭକ୍ତି ଭାବରେ ନିଜକୁ ନିୟୋଜିତ ସେ ସବୁ ନିଅଣ୍ଟ ପଡ଼ିଯିବ । ତାଙ୍କ ମହିମା ବର୍ଣ୍ଣନା କରିବା ପାଇଁ କାହାର ବି ସାଧ୍ୟ ନାହିଁ । ସମ୍ଭବତଃ ଆମେ କେଉଁ ଜନ୍ମରେ କାଣିଚାଏ ସମ୍ଭବତଃ ପୁଣ୍ୟଫଳ ପ୍ରାପ୍ତ ହୋଇଥିଲେ ଯେ ତାଙ୍କୁ ଟିକିଏ ଦେଖିବା ପାଇଁ ତାଙ୍କ ସାନ୍ନିଧ ଟିକିଏ ଅନୁଭବ କରିବା ପାଇଁ । ପୁଣ୍ୟ ପାବନ ନିତ୍ୟ ବୈକୁଣ୍ଠ ଧାମ ପୁରୀ ଶ୍ରୀ ମନ୍ଦିର ଆମେ ଯିବା ପାଇଁ ସକ୍ଷମ ହୋଇପାରୁଛେ । ସେ ହେଉଛନ୍ତି ଭାବଗ୍ରାହୀ, ସେ ହେଉଛନ୍ତି ଭାବ ବିନୋଦିଆ କଳା ଠାକୁର ଯିଏ ଭକ୍ତର ଦୁଃଖର ଦୁଃଖି ଆଉ ଭକ୍ତର ସୁଖରେ ସୁଖୀ । ଯେତେ ଦୂର ହେଉ ବରଂ ଯେଉଁଠି ବି ଆଶ୍ରୀତ ଜଣଙ୍କ, ଭକ୍ତ ଜଣଙ୍କ ତାଙ୍କୁ ସମର୍ପଣ ହୃଦୟରେ କାତରରେ ଆକୁଳ ଭାବରେ ନିଜକୁ ସମର୍ପିତ କରି ନିଜ ଦୁଃଖ ବା ପୀଡ଼ା ଜଣାଇଥାଏ ସେ ତାକୁ ଦୂରୀଭୂତ କରିଥାନ୍ତି । ଭକ୍ତର ଆକୁଳ ଡାକରେ ସେ ତତ୍କାଳ ଉଭା ହୋଇ ଦୁଷ୍ଟକୁ ଶାସ୍ତି ଦେଇ ଭକ୍ତର ଆନନ୍ଦରେ ଆନନ୍ଦିତ ହୁଅନ୍ତି । ପ୍ରଭୁଙ୍କ ଏହି ଭକ୍ତବତ୍ସଳ ଭାବକୁ ପାଥେୟ କରି ଆଜି ଅଗଣିତ ଶ୍ରଦ୍ଧାଳୁ ନିଜକୁ ମହାପ୍ରଭୁଙ୍କ ପାଖରେ ସମର୍ପିତ ହୃଦୟରେ ଜୀବନ ନିର୍ବାହ କରୁଛନ୍ତି ।



କଳା ଠାକୁର, ଭାବ ବିନୋଦିଆ ଜଗତ୍ ବନ୍ଧୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ଆମ ପ୍ରତିଟି ଓଡ଼ିଆ ଘରର ମୁରବୀ । ପ୍ରତିଟି ଓଡ଼ିଆ ଘରର ଭଲ ମନ୍ଦ, ହାନିଲାଭ ସବୁକିଛି ହିଁ ତାଙ୍କର ନିର୍ଦ୍ଦେଶନାରେ, ତାଙ୍କରି ପରିଚାଳନାରେ ସମାପିତ ହୋଇଥାଏ । ପ୍ରତିଟି ଓଡ଼ିଆଙ୍କ ଘରେ ସେ କେବଳ ଠାକୁର ହୋଇ ରହିନାହାଁନ୍ତି ପ୍ରତିଟି ଓଡ଼ିଆଙ୍କ ଜୀବନ ପିଣ୍ଡର ସେ ପ୍ରାଣ ସେ ହେଉଛନ୍ତି ଅନ୍ତରଙ୍ଗ ଆଉ ଆତ୍ମୀୟଙ୍କ ଠାରୁ ବଳୀ । ତାଙ୍କ ପୁଣ୍ୟ ପାବନ ନିତ୍ୟ ବୃନ୍ଦାବନ ଧାମ ନୀଳକନ୍ଦରର ଶ୍ରୀକ୍ଷେତ୍ର ପ୍ରତିଟି ଓଡ଼ିଆ ଆଉ ପ୍ରତିଟି ଶ୍ରୀଜଗନ୍ନାଥ ଶ୍ରଦ୍ଧାଳୁଙ୍କ ପାଇଁ ମୁକ୍ତି, ପୁଣ୍ୟ, ମୋକ୍ଷ ଓ ପରମ ଆନନ୍ଦର ପବିତ୍ର ସ୍ଥାନ । ଯେ କେହି ବି ଶ୍ରୀକ୍ଷେତ୍ରରେ ପାଦଟିଏ ରଖିବା ମାତ୍ରେ ନିଜକୁ ହଜାଇ ଦିଏ ନିଜ ଚତୁଃପାର୍ଶ୍ୱର ତେଲ ଲୁଣର ଜୀବନକୁ ନେଇ । ତାର ଅଜାଣତରେ ଚକ୍ଷୁ ଯୁଗଳରୁ ଆନନ୍ଦାଶ୍ରୁ ଝରିପଡ଼େ । ସେ ଭକ୍ତି ଭାବରେ ତନମୟ ହୋଇ ନିଜକୁ ହଜାଇ ଦେଇଥାଏ । ନିତ୍ୟ ପୁଣ୍ୟଧାମ ପୁରୀକୁ ଆସୁଥିବା ଯେ କେହି ଦର୍ଶନାର୍ଥୀ ଶ୍ରଦ୍ଧାଳୁ ଚତୁର୍ଦ୍ଧାମୂରତିଙ୍କୁ ଆନନ୍ଦରେ ଦର୍ଶନ କରି ଦିବ୍ୟ ଅନୁଭବ ନେଇ ଘରକୁ ଫେରିଥାନ୍ତି । ଏହି ନିତ୍ୟ ଧାମ ପୁରୀ ସମାନତାର ଭାବରେ ଉଦବୃଦ୍ଧ କରିଥାଏ ସମସ୍ତଙ୍କୁ । ଦାସିଆ ବାଉରୀ ହାତରୁ ନଡ଼ିଆ ନେବା ଭଳି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରତିଟି ପରିବାର ନିଜ ଘରୁ ହିଁ ଯେଉଁ ଭକ୍ତି ନୈବେଦ୍ୟର ସମର୍ପଣ କରିଥାନ୍ତି ତାହା ମହାପ୍ରଭୁଙ୍କୁ ପ୍ରାପ୍ତ ହୋଇଥାଏ । ମହାପ୍ରଭୁ କେବଳ ଶ୍ରୀ ମନ୍ଦିର ଭିତରେ ଆବଦ୍ଧ ହୋଇନାହାଁନ୍ତି ସେ ଆମ ଭାବ, ମନ, ଚେତନା ଓ କାର୍ଯ୍ୟ ଭିତରେ ତାଙ୍କ ବାଣୀ, ତାଙ୍କ ଦର୍ଶନ ସହିତ ଅନ୍ୟ ମାନଙ୍କୁ ପରୋପକାର ସେବା ଭିତରେ ଜୀବନ ନିର୍ବାହ ପାଇଁ ଆମ ମାନଙ୍କୁ କୃପା ଆଶୀର୍ବାଦ ଦେଉଛନ୍ତି । ଆମ ଜୀବନ ଚେତନାର ମୂଳ ଧର୍ମ ଓ ମର୍ମ ହେଉଛି ବାସ୍ତବରେ ସ୍ୱୟଂ ମହାପ୍ରଭୁ ସବୁ କିଛିକୁ ନିଜେ ହିଁ କରାଉଛନ୍ତି ଆମେ ସବୁ ନିମିତ୍ତ ମାତ୍ର । ପୂର୍ଣ୍ଣବ୍ରହ୍ମ କାଳିଆ ସାଆନ୍ତ ଆମ ଜାତିର ପରିଚୟ, ଆମ ମାନଙ୍କ ପରିଚୟ । ମହାପ୍ରଭୁଙ୍କୁ ଅନ୍ତରଭରା ଏତିକି ପ୍ରାର୍ଥନା କରୁଛି ପ୍ରଭୁ ଆମ ସମସ୍ତଙ୍କ ଭିତରେ ପରୋପକାର, ଭାଇଚାରା, ସାମାଜିକ ସୌହାର୍ଦ୍ଦ୍ୟ, ପରିବାର ଓ ସାମାଜିକ ଦାୟିତ୍ୱ, ବୃତ୍ତିନିଷ୍ଠା ପ୍ରତି ସଚ୍ଚୋଟତା ଓ ଅଙ୍ଗୀକାରବଦ୍ଧତା ଆହୁରି ଭରି ଦିଅନ୍ତୁ, ଏ ଜାତିର ଓ କୋଟି କୋଟି ଓଡ଼ିଆ ଭାଇଭଉଣୀଙ୍କର ସର୍ବ ମଙ୍ଗଳ ହେଉ ଏହା ହିଁ କାମନା ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୮୯୧୭୩୭୭୯୮୭**

ପ୍ରଚ୍ଛଦ



# ବାୟୁରେ ବିଷ

ଶୀତ ଗମ୍ଭୀର ରୂପ ନେଲାଣି। ବିବାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ବାଣ ଓ ତତ୍‌ଜନିତ ବିଭିନ୍ନ ସାମଗ୍ରୀର ବ୍ୟବହାର ବାୟୁରେ ବିଷାକ୍ତ କଣିକା ସବୁ ଆଚ୍ଛାଦିତ କରିଦେଲାଣି। ଏହିପରି ଏକ ସମୟରେ ଆମ ସମସ୍ତଙ୍କ ପାଇଁ ବିଶୁଦ୍ଧ ପବନ ଟିକିଏ ମୁସ୍କିଲ ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ ଦିଲ୍ଲୀ ବେହାଲ ହୋଇନାହିଁ ବରଂ କଟକ-ଭୁବନେଶ୍ୱର ଦ୍ୱୈତନଗରୀ ପ୍ରଦୂଷଣର ପାରଦରେ ସବୁଠୁ ଶୀର୍ଷରେ ରହିଛି। ଆମେ ସବୁ ଯେଉଁ ବାଣ ବ୍ୟବହାର କରିଥାଉ ସେଥିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ (କେମିକାଲ) ବ୍ୟବହାର ହେଉଛି। ଏହି ବାଣ ପୋଡିଲେ ସେଥିରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ଼), ସଲଫର ଡାଇଅକ୍ସାଇଡ଼, ନାଇଟ୍ରୋଜେନ ଡାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ। ଆକାଶରୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ। ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ।

ଏହାର ପ୍ରଭାବ ଦ୍ୱାରା ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ। କେବଳ ସେତିକି ନୁହେଁ ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ। ଅଚାନକ ରକ୍ତଚାପ ବଢ଼ିଯାଏ। ଏମିତିକି କେବେ କେବେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ ଆକ୍ରାନ୍ତ କରିପାରେ। କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ। ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ। ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ। ଏଥିରେ ହୃଦ ରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ସଲଫର ଡାଇଅକ୍ସାଇଡ ଗ୍ୟାସ ପୁରା ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ। ବିଶେଷକରି ଫୁସଫୁସକୁ ଆକ୍ରାନ୍ତ ହୁଏ। ଅଚାନକ କାଶ ବଢ଼ିପାରେ। ଛାତିରେ ଯନ୍ତ୍ରଣା ହୁଏ। ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ବ୍ଲାକ ପାଉଡର ମଧ୍ୟ ବେଶ କ୍ଷତିକାରକ। ଛାତି ରୋଗ ସହ, ଆଜମା, ଫୁସଫୁସ କ୍ୟାନସର ରୋଗକୁ ଏହା ବଢ଼ାଏ। ଏହା ପରିବେଶକୁ ବ୍ୟାପକ କ୍ଷତାକ୍ତ କରିଥାଏ। ଦେଶରେ ସଡ଼କ ଦୁର୍ଘଟଣା ଓ ହୃଦରୋଗ ପରେ ସର୍ବାଧିକ ମୃତ୍ୟୁ କ୍ରୋନିକ ଅବଷ୍ଟ୍ରକଟିଭ ପଲମୋନାରି ଡିଜିଜ୍ ଯୋଗୁ ହେଉଛି। ଏହା ଏକ ଶ୍ୱାସଜନିତ ରୋଗ। ଏଥିରେ ଫୁସ୍‌ଫୁସ୍ କ୍ଷତିଗ୍ରସ୍ତ ହୋଇ ସଙ୍କଟାପନ୍ନ ସ୍ଥିତି ସୃଷ୍ଟି କରେ। ଧୂମପାନ ଓ ବାୟୁ ପ୍ରଦୂଷଣ ଏହାର ପ୍ରମୁଖ କାରଣ। ଧୂଆଁ ଶ୍ୱାସ ରୋଗୀଙ୍କ ପାଇଁ ସବୁବେଳେ ଖରାପ। ଅତ୍ୟଧିକ ନିର୍ମାଣ କାର୍ଯ୍ୟରୁ ନିର୍ଗତ ଧୂଳି, ଗୋଡ଼ି ମୋଟରର ଧୂଆଁକୁ ମଣିଷ ପ୍ରତିଦିନ ପ୍ରଶ୍ୱାସରେ ଗ୍ରହଣ କରୁଛି। ଏହା ସ୍ୱାସ୍ଥ୍ୟକୁ ଖରାପ କରୁଥିବାବେଳେ ଦୀପାବଳିର ପ୍ରବଳ ଆତସବାଜିକୁ ନିର୍ଗତ ଧୂଆଁ ଆହୁରି ସ୍ୱାସ୍ଥ୍ୟ ବିଗାଡ଼ିବ। ଦୀପାବଳିରେ ସାପବାଣ, ଚାଇନା ଲଙ୍କା ବାଣରୁ ବେଶି ଧୂଆଁ ଓ ପ୍ରଦୂଷଣ ସୃଷ୍ଟି ହୋଇଥାଏ। ଯାହା ବର୍ଷକର ପ୍ରଦୂଷଣ ସହିତ ପ୍ରାୟ ସମାନ। ବର୍ଷରେ ଥରେ ଦୀପାବଳୀରେ ଯେତିକି ବାଣ ଫୁଟାଯାଏ, ତାହା ଏତେ ପ୍ରଦୂଷଣ ସୃଷ୍ଟି କରେ ଯେ, ମାନବସମାଜ ପ୍ରତି ଭୟାବହ ହୋଇଯାଏ।

ସେହିପରି ଅନାବଶ୍ୟକ ଶବ୍ଦ ସୃଷ୍ଟି 'ଶବ୍ଦ ପ୍ରଦୂଷଣ'ର ବଡ଼ କାରଣ। ଏନଭାର୍ନମେଣ୍ଟ ପ୍ରୋଟେକ୍ସନ ରୁଲସ୍ - ୧୯୯୯ଅନୁଯାୟୀ ଶବ୍ଦ ସ୍ତର ୧୨୫ ଡେସିବଲ ପର୍ଯ୍ୟନ୍ତ ଦୋଷାବହ ନୁହେଁ। ଅତି ଜୋରରେ ହେଉଥିବା ଶବ୍ଦ ପ୍ରଦୂଷଣ ଶିଶୁ, ବୃଦ୍ଧ, ରୁଗଣ ବ୍ୟକ୍ତିମାନଙ୍କର ବିଶେଷ କ୍ଷତି କରେ। ଉଚ୍ଚ ରକ୍ତଚାପ,







ଅତ୍ୟଧିକ ମାନସିକ ଚାପ ବୃଦ୍ଧି ସହ ଏହା ନିଦ୍ରାହୀନତା, ଶ୍ରବଣଶକ୍ତି ହ୍ରାସ ବା ବଧିରତା ପରି ବହୁ ସମସ୍ୟା ସୃଷ୍ଟି କରିଥାଏ। ବଡ଼ ବଡ଼ ସହରରେ ଟ୍ରାଫିକ ବା ଯାନବାହନର ଶବ୍ଦ ଏଭଳି ପ୍ରଦୂଷଣର ଏକ ମୁଖ୍ୟ କାରଣ। ବିଭିନ୍ନ ଶିଳ୍ପସଂସ୍ଥା, କଳକାରଖାନା, ବସ୍, ଟ୍ରକ, ଟ୍ରାକ୍ଟର, ମୋଟର ସାଇକେଲର ଶବ୍ଦ, ଉଡାଜାହାଜ, ଘର ତିଆରି ଶବ୍ଦ, ବାଣ ଫୁଟାଇବା, ଡାକବାଜି ଯନ୍ତ୍ର ଇତ୍ୟାଦି ଏହି ପ୍ରଦୂଷଣ କରିଥାନ୍ତି। ଘର ଭିତରେ ମଧ୍ୟ ରେଡ଼ିଓ, ଟିଭି, ମ୍ୟୁଜିକ ସିଷ୍ଟମ ଜୋରରେ ବଜାଇବା ଦ୍ୱାରା ଶବ୍ଦ ପ୍ରଦୂଷଣ ଘଟିଥାଏ। ଅବଶ୍ୟ ରାସ୍ତାଘାଟ, ଘର ତିଆରି ଶବ୍ଦ ନିର୍ଗମନ ସ୍ତର ଉପରେ ସରକାରୀ କଟକଣା ରହିଛି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ବିଭିନ୍ନ ସ୍ଥାନ ପାଇଁ ନିର୍ଦ୍ଦିଷ୍ଟ ଶବ୍ଦ ସ୍ତର ଅନୁମୋଦନ କରିଛନ୍ତି।

ସହରରେ ଗାଡ଼ିମୋଟର ଧୂଆଁ, ରାସ୍ତା ଖୋଳାତଡ଼ା, ନିର୍ମାଣ କାର୍ଯ୍ୟ ବୃଦ୍ଧି ଯୋଗୁ ବାୟୁ ପ୍ରଦୂଷଣ ଏବେ ବି ଚିନ୍ତାଜନକ ସ୍ଥିତିରେ ରହିଛି। ଦୀପାବଳି ବା ବିବାହ କିମ୍ବା କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମରେ ମନଇଚ୍ଛା ବାଣ ଫୁଟାଇଲେ ସ୍ଥିତି ଆହୁରି ବିଗିଡ଼ି ଯାଇଥାଏ। ଏହା ଫୁସଫୁସକୁ ଗଭୀର ଭାବେ ପ୍ରଭାବିତ କରିଥାଏ ଯାହାଦ୍ୱାରା ଆଜମା ରୋଗୀଙ୍କ ସମସ୍ୟା ବଢ଼ିଥାଏ। ବାରୁଦ ଗନ୍ଧ ଓ ଧୂଆଁ ଯୋଗୁ ଆଖି, କାନ, ଚର୍ମରେ ଯନ୍ତ୍ରଣା, ଅସ୍ୱସ୍ତିକର ଲାଗିପାରେ। ଏହା ଗୃହପାଳିତ ପଶୁ, ପକ୍ଷୀଙ୍କ ପାଇଁ ମଧ୍ୟ ବିପଦ। ଗାଈଗୋରୁ, ବୁଲା କୁକୁର ମଧ୍ୟ ଆମ ପାଇଁ ଯନ୍ତ୍ରଣା ଭୋଗିବେ, ଅସୁସ୍ଥ ହେବେ। ବିଭିନ୍ନ ବାଣର ପ୍ରଚଣ୍ଡ ଶବ୍ଦ ବି ହୃଦଘାତ, ବ୍ରେନ ଷ୍ଟ୍ରୋକର କାରଣ ହୋଇପାରେ। ବିଷାକ୍ତ ଗ୍ୟାସ ଓ ଧୂଆଁ ସହ ପ୍ରଚଣ୍ଡ ଶବ୍ଦ ଗର୍ଭବତୀଙ୍କ ବିପଦ। ଗର୍ଭ ନଷ୍ଟ ହୋଇପାରେ। ନବଜାତ, ଶିଶୁ, ବୟସ୍କଙ୍କ ପାଇଁ ଏହା ଅତି ମାରାତ୍ମକ। ଦୀପାବଳି ବାଣଫୁଟା ପରବର୍ତ୍ତୀ ଆବର୍ଜନା ଆଉ ଏକ ବଡ଼ ସମସ୍ୟା।



ତାପଜ ବିଦ୍ୟୁତକେନ୍ଦ୍ର ଗୁଡ଼ିକରେ କୋଇଲା, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଆଦି ଜୀବାଶ୍ମ ଇନ୍ଧନକୁ ବ୍ୟବହାର କରି ତାପଶକ୍ତି ଉତ୍ପନ୍ନ କରାଯାଏ। ଜୀବାଶ୍ମ ଇନ୍ଧର ଦହନ ଯୋଗୁଁ ସେଥିରୁ ଅଙ୍ଗାରକାମ୍ଳ, କାର୍ବନ ମନୋକ୍ସାଇଡ଼, ନାଇଟ୍ରୋଜେନ ଅକସାଇଡ଼, ସଲଫର ଡାଇଅକସାଇଡ଼ ଆଦି ଗ୍ୟାସ ଏବଂ ଅନେକ କ୍ଷୁଦ୍ରକଣିକା ନିର୍ଗତ ହୋଇଥାଏ। ଏସବୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ବାୟୁମଣ୍ଡଳରେ ଏହାକୁ ପରିମାଣ ବୃଦ୍ଧି ପାଇଲେ ଫୁସଫୁସରେ ସମସ୍ୟା, ଚର୍ମରୋଗ ଏବଂ କର୍କଟ ରୋଗର କାରଣ ପାଲଟି ଥାଏ। ତାପଜ ବିଦ୍ୟୁତ କେନ୍ଦ୍ରରୁ ନିର୍ଗତ ପାଉଁଶ ଫୁସଫୁସକୁ ଆକ୍ରାନ୍ତ କରିଥାଏ। ପରିବେଶକୁ ପ୍ରଦୂଷିତ କରିଥାଏ। ଏକ ତଥ୍ୟ ମୁତାବକ ଆମ ଓଡ଼ିଶାରେ ଥିବା ସାତଟି ତାପଜ ବିଦ୍ୟୁତ କେନ୍ଦ୍ରରୁ ବାର୍ଷିକ ୨୫ ନିୟୁତ ମେଟ୍ରିକ ଟନ ପାଉଁଶ ନିର୍ଗତ ହେଉଛି। ସେହିପରି ଅଙ୍ଗାରକାମ୍ଳ ହେଉଛି ଗ୍ଲୋବାଲ ୱାର୍ମିଂ ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ। ତେବେ ଜଳ ବିଦ୍ୟୁତ, ଆଣବିକ ବିଦ୍ୟୁତ୍ ସୌର ଶକ୍ତି ଓ ପବନ ଶକ୍ତି ଆଦିର ଉପଯୋଗ ହୋଇପାରିଲେ ପ୍ରଦୂଷଣର ମାତ୍ରା ହ୍ରାସ ପାଇପାରନ୍ତା।

ଏକଥା ନୁହେଁ ଯେ, ପ୍ରଦୂଷଣ ବାବଦରେ ଆମେ ଜାଣିନୁ। ଦିଲ୍ଲୀର ଭୟାନକ ପ୍ରଦୂଷଣ ସ୍ଥିତି ଜଳଜଳ ହୋଇ ଦିଶୁଛି। ତଥାପି ଆମର ପରୱା ନାହିଁ। ଅନେକ ଭାବୁଛନ୍ତି, ଆମ ସ୍ଥିତି ଭଲ ଅଛି। ଆମର କିଛି ହେବନି। ଦିନକରେ କ'ଣ ପ୍ରଦୂଷଣ ମାଡ଼ିଯିବ ନା ଆକାଶ ଛିଣ୍ଡି ପଡ଼ିବ। ହେଲେ ମନେରଖିବା ଦରକାର ଆନନ୍ଦ, ଦୁଃଖ ବା ବିପଦର କାରଣ ନ ହେଉ।

## ଜୀବନ ନେଉଛି ବିଷାକ୍ତ ବାୟୁ:

ମୃତ୍ତିକା ଓ ଜଳ ପରି ବାୟୁ ପ୍ରଦୂଷଣ ବି ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ନବେ ପ୍ରତିଶତ ବାୟୁ ପ୍ରଦୂଷଣ ନାଇଟ୍ରୋଜେନ, ଅକ୍ସିଜେନ, ଇର୍ନଟ ଗ୍ୟାସରୁ ହିଁ ହୋଇଥାଏ। ଏହା ବାୟୁ ସହିତ ମିଶି ଏକ ରାସାୟନିକ ପ୍ରତିକ୍ରିୟା ସୃଷ୍ଟି କଲାପରେ ମଣିଷ ପାଇଁ ପ୍ରଭୂତ କ୍ଷତି ଘଟାଇଥାଏ। ଦୈନନ୍ଦିନ ଜୀବନରେ ନିଜର ସୁଖସୁବିଧା ପାଇଁ ମଣିଷ ଗାଡ଼ି ମୋଟର ବ୍ୟବହାର କରିବା, ବିଭିନ୍ନ ଜିନିଷ ଉତ୍ପାଦନ କରିବା,ଘରଦ୍ୱାର ତିଆରି କରିବା,ପ୍ରଗତି ପାଇଁ କଳକାରଖାନା ବସାଇବା ଆଦି କାମରେ ବେଶୀ ବାୟୁ ପ୍ରଦୂଷଣ ହେଉଥିବାର ଦେଖାଯାଇଛି। କିଛି ବିପଦଜ୍ଜନକ ଗ୍ୟାସ୍ ଯଥା ସଲଫର ଡ଼ାଇଅକସାଇଡ଼, କାର୍ବନ ମନୋଅକସାଇଡ୍, ନାଇଟ୍ରୋଜେନ ଅକସାଇଡ୍ ଓ କ୍ୟାମିକାଲ ଭେପୋର ଦ୍ୱାରା ସାଙ୍ଘାତିକ ଭାବେ ବାୟୁ ପ୍ରଦୂଷିତ ହୋଇଥାଏ। ଫଳରେ ଏସିଡ଼ ବର୍ଷା ଓ ଘନଘୋର କୁହୁଡ଼ି ହିଁ ଏହାର ପ୍ରଭାବରୁ ହୋଇଥାଏ। କଲମ୍ବିଆ ବିଶ୍ୱବିଦ୍ୟାଳୟର ଏକ ସର୍ବେକ୍ଷଣ ଅନୁସାରେ ୨ ମିଲିୟନ ଲୋକଙ୍କ ପ୍ରତ୍ୟେକବର୍ଷ ବାୟୁ ପ୍ରଦୂଷଣ ଦ୍ୱାରା ମୃତ୍ୟୁ ହୋଇଥାଏ। ୧୯୮୪ ମସିହାରେ ଭୋପାଳରେ ସଙ୍ଘଟିତ ଗ୍ୟାସ୍



ଦୁର୍ଘଟଣା ଆଜି ବି ଲୋକଙ୍କ ମନରୁ ଲିଭିନାହିଁ। ଏହି ଦୁର୍ଘଟଣାରେ ୨ହଜାରରୁ ଅଧିକ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨ଲକ୍ଷରୁ ଅଧିକ ଲୋକ ଗୁରୁତର ହୋଇଥିଲେ। ମିଥାଇଲ୍ ଆଇସୋସିଆନେଟ୍ ଏହି ଦୁର୍ଘଟଣାର ଘାତକ ସାଜିଥିବା ବେଳେ ଆଜି ବି ସେହି ସ୍ଥାନରେ ବିକଳାଙ୍ଗ ଭାବେ ଶିଶୁ ଜନ୍ମ ହେବାର ନଜର ରହିଛି। ବାୟୁ ପ୍ରଦୂଷଣର ମୁଖ୍ୟ ଉତ୍ସ ହେଉଛି ଯାନବାହନର ଜୀବାଶ୍ମ ଇନ୍ଧନର ଦହନ, ଶିଳ୍ପାୟନ ବା କଳକାରଖାନାରେ କୋଇଲା ଓ ପ୍ରାକୃତିକ ଗ୍ୟାସ୍ ଆଦି ଜୀବାଶ୍ମ ଇନ୍ଧନର ବ୍ୟବହାର, ବାହ୍ୟ ପରିବେଶରେ କଠିନ ବର୍ଜ୍ୟବସ୍ତୁର ଦହନ,ରାସ୍ତାଘାଟ ଓ କୋଠାବାଡି ନିର୍ମାଣ ସମୟରେ କାର୍ବନ ମନୋଅକସାଇଡ୍, ଯବକ୍ଷାରଜାନ ଏବଂ ପିଏମ୍ ୨.୫ ଓ ପିଏମ୍ ୧୦ ପରି ସୂକ୍ଷ୍ମ କଣକୀୟ ପଦାର୍ଥ ବାୟୁରେ ମିଶି ପ୍ରଦୂଷଣ କରିଥାନ୍ତି। ସହରାଞ୍ଚଳ ପରି ଗାଁରେ ମଧ୍ୟ ପ୍ରଦୂଷଣର ହାର କିଛି କମ୍ ନୁହେଁ। ଗାଁରେ ରୋଷେଇ ପାଇଁ ବ୍ୟବହାର

ହେଉଥିବା କାଠ, କୋଇଲା, ଅଙ୍ଗାର, କିରାସିନି ଓ କୃଷିଜାତ ଦ୍ରବ୍ୟର ଖଦଡ଼ା ଅଂଶ ବାୟୁ ପ୍ରଦୂଷଣ ପାଇଁ ବି ଦାୟୀ। ଏକ ସର୍ଭେରୁ ଜଣାଯାଇଛି ଏହି ସବୁ ଇନ୍ଧନ ଜାଳି ରୋଷେଇ କରୁଥିବା ମହିଳା, ଗ୍ୟାସରେ ରୋଷେଇ କରୁଥିବା ମହିଳାଙ୍କ ଠାରୁ ୧୧୨ଗ୍ରାମ୍ ଓଜନର କମ୍ ଶିଶୁ ଜନ୍ମ କରିଥାନ୍ତି। ବାୟୁ ପ୍ରଦୂଷଣରେ ଶିକାର ହୋଇଥିବା ମହିଳାମାନେ ଜନ୍ମ ଦେଉଥିବା ପିଲା ଶ୍ୱାସରୋଗରେ ଆକ୍ରାନ୍ତ ହେବାର ସୁଯୋଗ ଅଧିକ।

### ଯାହା କହେ ସର୍ଭେ-

- ବାୟୁରେ ୨.୫ ମାଇକ୍ରୋନ ବା ତାଠାରୁ କମ୍ କଣକୀୟ ପଦାର୍ଥ ଆଘ୍ରାଣ ଦ୍ୱାରା ମଧୁମେହ ସୃଷ୍ଟି ହୋଇଥାଏ ।
- କଣକୀୟ ପଦାର୍ଥ ଭିତରେ ଥିବା ପିଏମ୍ ରକ୍ତବାହୀ ନଳୀ ଦେଇ ଶରୀର ଭିତରକୁ ପ୍ରବେଶ କରି ମସ୍ତିଷ୍କ, ଫୁସ୍‌ଫୁସ୍, ହୃତ୍‌ପିଣ୍ଡକୁ ଆକ୍ରାନ୍ତ କରିଥାଏ ।
- ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ ବିଶ୍ୱରେ ଥିବା ୧୨ଟି ପ୍ରଦୂଷିତ ସହର ଭିତରୁ ୧୧ଟି ହିଁ ଭାରତରେ ଅଛି । ଭାରତରେ ଶିଶୁ ମୃତ୍ୟୁହାର କେବଳ ପ୍ରଦୂଷଣ କାରଣରୁ ଅଧିକ ହୋଇଥାଏ। ୨୦୧୮ ମସିହାରେ ପ୍ରସ୍ତୁତ କରାଯାଇଥିବା ଏହି ରିପୋର୍ଟରେ କୁହାଯାଇଛି ୯୮ ପ୍ରତିଶତ ଶିଶୁ ବିଷାକ୍ତ ଓ ଅଣନିରାପଦ ବାୟୁସେବନ କରି ଏହି ବିପଦରେ ପଡୁଛନ୍ତି। ୨୦୨୩ ମସିହାରେ ବାୟୁ ପ୍ରଦୂଷଣ ଯୋଗୁଁ ଭାରତବର୍ଷରେ ୨ ମିଲିୟନ ଲୋକଙ୍କ ମୃତ୍ୟୁ ହୋଇଥିବା କଥା ଜଣାଯାଏ। ବାୟୁ ପ୍ରଦୂଷଣର ଫଳ ସ୍ୱରୂପ ହୃଦଘାତ, କ୍ୟାନସର, ଡାଇବେଟିସ୍ ଭଳି ମାରାତ୍ମକ ରୋକ ବର୍ଷକୁ ଅନେକ ଲୋକଙ୍କ ଜୀବନ ନେଉଛି।
- ଶ୍ୱାସକ୍ରିୟା ସମ୍ବନ୍ଧୀୟ ରୋଗୀଙ୍କ ସଂଖ୍ୟା ୧୯୯୦ରେ ୮୧ ଲକ୍ଷ ଥିବାବେଳେ ୨୦୧୬ରେ ୫କୋଟି ୫୩ ଲକ୍ଷରେ ପହଞ୍ଚିଛି। ଏହା କେବଳ ବାୟୁ ପ୍ରଦୂଷଣ କାରଣରୁ ହୋଇଥାଏ ବୋଲି ଜଣାପଡ଼ିଛି।

### ଇ-ମୋବିଲିଟିର ଭୂମିକା-

ବିଦ୍ୟୁତ ଶକ୍ତି ଦ୍ୱାରା ପରିଚାଳିତ ଯାନବାହାନ ଓ ତାହାର ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଇ-ମୋବିଲିଟି ବୋଲି କୁହାଯାଏ। ପାରମ୍ପାରିକ ଇନ୍ଧନରୁ ମୁକ୍ତି ପାଇ ପରିବେଶର ସନ୍ତୁଳନତା ଓ ପ୍ରଦୂଷଣତା ରୋକିବାକୁ ଇଏ ଏକ ପ୍ରୟାସ। ଏହାଦ୍ୱାରା ବିଭିନ୍ନ ଗାଡ଼ିମୋଟର ଇଲେକଟ୍ରିକ୍ ଚାର୍ଜିଂ ଦ୍ୱାରା ରାସ୍ତାରେ ଗଡ଼ି ପାରିବ। ଆଉ କୌଣସି ଇନ୍ଧନ ଉପରେ ଭରସା କରିବାକୁ ପଡ଼ିବ ନାହିଁ। କି ଦେଶରେ ତୈଳ ସଂକଟ ପାଇଁ ଚିନ୍ତା ବି କରିବାକୁ ପଡ଼ିବ ନାହିଁ। ବ୍ୟାଟେରି ଚାଳିତ ଗାଡ଼ି ଲିଥିୟମ ଆୟନ ବ୍ୟାଟେରୀ ବ୍ୟବହାର ହୋଇଥାଏ। ଏହି ପ୍ରକାର ବ୍ୟାଟେରୀରେ ଏନର୍ଜି ଡେନ୍‌ସିଟି ଅଧିକ ଥିବାରୁ ଏହା ବେଶୀ ଦୀର୍ଘସ୍ଥାୟୀ। ବ୍ୟାଟେରୀ ଚାଳିତ ଯାନ ଥରେ ଚାର୍ଜି ହେଲେ ଅତିକମରେ ୧୨୦ କି.ମି.ରୁ ଆରମ୍ଭ ହୋଇ ୪ଶହ-୫ଶହ କିମି ପର୍ଯ୍ୟନ୍ତ ଯାଇପାରୁଛି। ଭାରତ ସରକାର ପ୍ରଦୂଷଣକୁ ଆଖି ଆଗରେ ରଖି ଆଗାମୀ ଦିନରେ ଏଥିରେ ସ୍ୱୟଂସମ୍ପୂର୍ଣ୍ଣ ଭାବେ ନିଜର ବୈଷୟିକ କୌଶଳ ଅବଲମ୍ବନ କରିବା ସହିତ ଇ-ମୋବିଲିଟିକୁ ଗୁରୁତ୍ୱ ଦେବାକୁ ଯାଉଛି। ଏଥିପାଇଁ ସରକାର ପ୍ରୋତ୍ସାହନ ଦେବା ସହିତ ଅଧିକରୁ ଅଧିକ କଳକାରଖାନା ପ୍ରତିଷ୍ଠା ପାଇଁ ଗୁରୁତ୍ୱ ଦେଉଛନ୍ତି।

**-ତୁଷାର ରଞ୍ଜନ ସାହୁ, ଶ୍ରୀଗୋବିନ୍ଦ**



## ମନକୁ ଆସିଲା ଯାହା ୪୭

# ବିଜ୍ଞାପନରୁ ମହାଭାରତ



**ସୌମ୍ୟଶ୍ରୀ ପାଣିଗ୍ରାହୀ**

ଏଇ ମଜା କଥାଟି ଆପଣଙ୍କ ଭିତରୁ ଅନେକେ ଶୁଣିଥିବେ ନିଶ୍ଚୟ। ଗୋଟିଏ ଛୋଟ କାର (ଆପଣ ଟାଟା ନାନୋ ବୋଲି ଧରିନେଇପାରନ୍ତି) ନିଲାମ ହେଉଥାଏ। ଡାକ ଆରମ୍ଭ ହୋଇଥାଏ ମାତ୍ର ୫୦୦୦୦ ଟଙ୍କାରୁ, କିନ୍ତୁ ବଢିବଢି ଯାଇ ପହଞ୍ଚିଥାଏ ପ୍ରାୟ ୪ ଲକ୍ଷ ଟଙ୍କାରେ। ଏତିକି ବେଳେ ସେ ହଲ୍ ଭିତରେ ପ୍ରବେଶ କଲେ ଜଣେ ଭଦ୍ରଲୋକ, ଆଖପାଖର ଲୋକଙ୍କୁ କାର ବିଷୟରେ କିଛି ପଚାରିଲେ ଆଉ ସିଧା ନିଲାମ ଡାକିଲେ ୧୦ ଲକ୍ଷ । ସେଠି ଉପସ୍ଥିତ ଥିବା ଲୋକ ମାନେ ଆଶ୍ଚର୍ଯ୍ୟ ହୋଇଗଲେ। ୧୦ ଲକ୍ଷ ଟଙ୍କାରେ ବଜାରରେ ଅନ୍ୟ ମଡେଲର ଭଲ ଗାଡି ମିଳି ପାରୁଥିବା ବେଳେ ଏକ ପୁରୁଣା ନାନୋ କାର, ଯାହାର ମୂଲ୍ୟ ସର୍ବାଧିକ ଲକ୍ଷେ ଟଙ୍କା ହେବା ବି ମୁସ୍କିଲ, ତା ପାଇଁ ଜଣେ ନିଲାମ ୧୦ ଲକ୍ଷ ଟଙ୍କା କାହିଁକି ଡାକିବ ? ଏଥର ମିଳିଲା ଅଦ୍ଭୁତ ଉତ୍ତର। ସେ କାରଟି ଅନ୍ୟୁନ ୧୦ ଥର ଦୁର୍ଘଟଣା ହେଇ ସାରିଛି। ମାତ୍ର ସବୁ ଥର କେବଳ ମାଲିକଙ୍କ ପତ୍ନୀଙ୍କର ହିଁ ମୃତ୍ୟୁ ହୋଇଛି। ମାଲିକ ମାନେ ସଂପୂର୍ଣ୍ଣ ସୁରକ୍ଷିତ ଭାବେ ଅକ୍ଷତ ହୋଇ ବଞ୍ଚିରହିଛନ୍ତି। ଏତିକିବେଳେ ଆଉ ଜଣେ ବ୍ୟକ୍ତି, ସିଧା ନିଲାମ ଡାକିଲେ ୨୦ ଲକ୍ଷ..ଯାହା ବି ହେଉ ଏ ଭଙ୍ଗା ଗାଡିଟି ମୁଁ ହିଁ କିଣିବି। କାରଣ କୋର୍ଟରେ ଚାଲିଥିବା ବିବାହ ବିଚ୍ଛେଦ ମାମଲାରେ ପତ୍ନୀ ମାଗୁଛନ୍ତି ୧ କୋଟି ଟଙ୍କା। ଯଦି ମୁଁ ଏଇ ଗାଡିଟି କିଣି ତାଙ୍କୁ ଉପହାର ଦିଏ, ହୁଏତ ମୋ ଭାଗ୍ୟ ବଦଳିଯାଇପାରେ। ଆପଣ ବୁଝି ପାରୁଥିବେ, ମୁଁ ମାତ୍ର ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ୧ କୋଟି ଦେବାରୁ ବଞ୍ଚିଯାଇପାରିବି। ଏଇ କାରଟି ହୁଏତ ମୋତେ ବଞ୍ଚେଇରଖି ମୋ ପତ୍ନୀଙ୍କୁ ଦୁର୍ଘଟଣା ଘଟେଇ ମାରିଦେଇପାରେ। ଏସବୁ ପାଇଁ ତ ୨୦ ଲକ୍ଷ ତୁଚ୍ଛ। ମୁଁ ହିଁ କିଣିବି ଏ ଗାଡିକୁ..ଆଉ କେହି ନୁହେଁ।

ଏ'ତ ଗଲା ଏକ ମଜାକଥା ମାତ୍ର। ଏଥର ଦେଖିବା ଆଉ ଏକ ଘଟଣା। ଖବର କାଗଜରେ ବିଜ୍ଞାପନ ବାହାରିଛି ଏକ ନୂଆ (ମାତ୍ର ୧୦୦୦୦ କିମି ଚାଲିଥିବା) ମର୍ସିଡେଜ ବେଞ୍ଜ କାର ବିକ୍ରି ହେବ ମାତ୍ର ୧୦୦୦ ଟଙ୍କାରେ। ମର୍ସିଡେଜ ବେଞ୍ଜର ସେହି ସର୍ବାଧୁନିକ ମଡେଲ ଗାଡିର ମୂଲ୍ୟ ପ୍ରାୟ ୪୦ ଲକ୍ଷ ଟଙ୍କା। ଯିଏ ସେ ବିଜ୍ଞାପନକୁ ଦେଖିଲା, ସେ ହସରେ ଉଡେଇ ଦେଲା। ସକାଳ ଠାରୁ ସଞ୍ଜ ନଇଁବାକୁ ବସିଲା, ହେଲେ କେହି ଜଣେ ବି ଗରାଖ ଦିଆଯାଇଥିବା ଫୋନ ନମ୍ବରରେ ଫୋନ କଲେ ନାହିଁ। ପ୍ରାୟ ରାତି ୮ ଟା ବେଳେ ଜଣେ ଭଦ୍ର ବ୍ୟକ୍ତି ଫୋନ କରି ବୁଝିଲେ ଏବଂ ଭଲ ଭାବରେ ବାରମ୍ବାର ପଚାରି ପଚାରିବା ପରେ ଶେଷରେ ଆସି ପହଞ୍ଚିଲେ ସେହି କାରଟିକୁ ନେବା ପାଇଁ। ନିଜେ ଗ୍ୟାରେଜକୁ ଯାଇ ତନ୍ନ ତନ୍ନ କରି ଗାଡିକୁ ହାତମାରି ଦେଖିଲେ। କେଉଁଠି ସାମାନ୍ୟ ଦାଗଟିଏ ବି ନାହିଁ। ଚକଚକ କରୁଛି ହାଲ୍‌କା ନୀଳରଙ୍ଗର ମର୍ସିଡେଜ ବେଞ୍ଜର ସେହି ସୁନ୍ଦର ଗାଡିଟି। ରାସ୍ତାରେ ଚାଲିଛି ମାତ୍ର ୨-୩ ମାସ ଭିତରେ ୧୦୦୦୦ କିମି। ଅର୍ଥାତ ଇଞ୍ଜିନ ବି ଖୁବ ଭଲ ଅଛି, ତଥାପି ସେ ବାରମ୍ବାର ପଚାରି ବୁଝୁଥାନ୍ତି ଗାଡିର ବିକ୍ରି ମୂଲ୍ୟ ସତରେ ମାତ୍ର ୧୦୦୦ ଟଙ୍କା ତ..!! ତାଙ୍କୁ ବିଶ୍ୱାସ ହେଉ ନଥାଏ, ବିଜ୍ଞାପନ ଦେବା ବେଳେ କିଛି ଭୁଲ ହେଇଯାଇ ନାହିଁ ତ..!!

ସେ ବିଶ୍ୱାସ କରିପାରୁନଥାନ୍ତି ଯେ ୪୦ ଲକ୍ଷର ଗାଡି ମାତ୍ର ୧୦୦୦ରେ ବିକ୍ରି ଯୋଗ୍ୟ ବୋଲି। ସେ ଯେତେ ପଚାରିଲେ ବି ଗାଡିର ମାଲିକାଣୀ ଭଦ୍ରମହିଳା ଜଣକ ଏତେ କମ ମୂଲ୍ୟରେ ଗାଡି ବିକିବାର କାରଣ କହୁ ନଥାନ୍ତି। ଅଗତ୍ୟା ଏ ଭଦ୍ର ବ୍ୟକ୍ତି ଜଣକ ୧୦୦୦ ଟଙ୍କା ବଢେଇ ଦେଲେ। ସେପଟେ ଗାଡି ବିକ୍ରିର କାଗଜପତ୍ର ଓ ଅନ୍ୟାନ୍ୟ ପ୍ରକ୍ରିୟା ସବୁ ସରିଗଲା। ଶେଷରେ ଗାଡିର ଚାବି ମଧ ଧରେଇ ଦିଆଗଲା। ଏବେ ସେ ହିଁ ସେହି ଚକମକ କରୁଥିବା ସୁନ୍ଦର ମର୍ସିଡେଜ ଗାଡିର ମାଲିକ। ଏଥର ସେ ଆଉ ରହିପାରିଲେନି । ପୁଣିଥରେ ସେହି ଭଦ୍ର ମହିଳାଙ୍କୁ ପଚାରିଲେ ଏତେ କମଦାମରେ ଗାଡି ବିକିବାର ରହସ୍ୟ। ସେ ଯାହା ଉତ୍ତର ଦେଲେ, ଆପଣ ବି ଶୁଣିଲେ ଆଶ୍ଚର୍ଯ୍ୟ ହେବେ। ତାଙ୍କର ଦିବଙ୍ଗତ ପତିଙ୍କର ମୃତ୍ୟୁପୂର୍ବର ଇଚ୍ଛାପତ୍ର ଦଲିଲରେ ଲେଖାଥିଲା ଯେ, ସେହି ଗାଡିଟି ତାଙ୍କର ସବୁଠାରୁ ପ୍ରିୟ ସମ୍ପତ୍ତି ମାନଙ୍କ ଭିତରୁ ଗୋଟିଏ ଏବଂ ତାହା ବିକ୍ରି ହେବା ପରେ ସେହି ବିକ୍ରିଲବ୍ଧ ଅର୍ଥତକ ଦିଆଯିବ ତାଙ୍କ ସେକ୍ରେଟାରୀଙ୍କୁ (ପତ୍ନୀଙ୍କୁ ନୁହେଁ)। ଏଥର ଭାବନ୍ତୁ କେଉଁ ପତ୍ନୀ ଚାହିଁବ ସେକ୍ରେଟାରୀ ଜଣକ ଏତେ ଟଙ୍କା ପାଇଯାଉ ବୋଲି ? କିନ୍ତୁ ପତିଙ୍କ ଇଚ୍ଛାକୁ ତ ସମ୍ମାନ ଦେବାକୁ ପଡିବ ନା, ତେଣୁ ମାତ୍ର ୧୦୦୦ ଟଙ୍କାରେ କାରଟି ବିକିଦେଲେ କଥା ସରିଲା।

ଯଦି ଅନ୍ୟ ସମସ୍ତଙ୍କ ପରି ସେ ଭଦ୍ରବ୍ୟକ୍ତି ବି ମାତ୍ର ୧୦୦୦ ଟଙ୍କାରେ ମର୍ସିଡେଜ ବେଞ୍ଜ ବିକ୍ରିକୁ ଅବିଶ୍ୱାସ କରିଥାନ୍ତେ, ତେବେ ସେ କଣ ସତରେ ମାତ୍ର ୧୦୦୦ ଟଙ୍କା ଦେଇ ଏତେ ସୁନ୍ଦର କାରର ମାଲିକ ବନିପାରିଥାନ୍ତେ... ? ଏଣୁ ବିଜ୍ଞାପନରେ କଣ ଲେଖା ହେଇଛି, କାହିଁକି ଲେଖା ହେଇଛି, ଏସବୁ ତର୍ଜମା କରିବାର ଆବଶ୍ୟକତା ରହିଛି। ଆପଣ ବି ଦେଖିଥିବେ ବିଜ୍ଞାପନରେ, 'ସାତ ଦିନରେ ଗୋରାପଣ' ନହେଲେ 'ମାତ୍ର ୧୫ ଦିନରେ ଚନ୍ଦାପଣରୁ ମୁକ୍ତି' ନଚେତ ଅନ୍ୟ କିଛି ଅବିଶ୍ୱସନୀୟ ଅଫର। ଏସବୁକୁ ରୋକିବା ପାଇଁ ଏବେ ସିନା ଉପଭୋକ୍ତା ଫୋରମ ନିର୍ଦ୍ଦିଷ୍ଟ ଆଦେଶନାମା ଜାରୀ କରିଛନ୍ତି, ମାତ୍ର ୨୫-୩୦ ବର୍ଷ ତଳେ ଏମିତି କିଛି ଘଟଣା ଘଟିଥିଲା, ଯାହା ବିଜ୍ଞାପନର ଧାରାକୁ ସବୁ ଦିନ ପାଇଁ ଦୋହଲେଇ ଦେଇଥିଲା।

କଥା ୧୯୯୫ର, ଯେତେବେଳେ ପେପସୀ ଓ କୋକାକୋଲା ମଧ୍ୟରେ ବ୍ୟବସାୟିକ ପ୍ରତିଦ୍ୱନ୍ଦୀତା ଚରମ ସୀମାରେ ଥିଲା। ପ୍ରତିଦିନ କିଛି ନା କିଛି ନୂଆ ଅଫର ସହ ବିଜ୍ଞାପନ ପ୍ରକାଶ ପାଉଥିଲା ଖବର କାଗଜରେ। ଦିନେ ପେପସୀର ଏକ ବିଜ୍ଞାପନ ବାହାରିଲା ବିକ୍ରସ ବଢେଇବା ଉଦ୍ଦେଶ୍ୟରେ। ପ୍ରତିଟି ପେପସୀ ବୋତଲ କିଣିଲେ କିଛି ପଏଣ୍ଟ ମିଳିବ, ଯାହା ପ୍ରତିବଦଳରେ କିଛି ଉପହାର ମିଳିବ। ଯେମିତି ୨୦ ପଏଣ୍ଟରେ ଟୋପି, ୧୦୦ ପଏଣ୍ଟରେ ଚଷମା, ୫୦୦ ପଏଣ୍ଟରେ ଟି ସାର୍ଟ ଏବଂ ଏମିତି ଆହୁରି ଅନେକ। ଶେଷରେ ଥିଲା ୭ ଲକ୍ଷ ପଏଣ୍ଟରେ ଏକ ହ୍ୟାରିୟର ଜେଟ ବିମାନ। ପେପସୀର ସର୍ତ୍ତ ଥିଲା ଯେତେ ଅଧିକ ବୋତଲ ବିକ୍ରୀ ହେବ ସେତେ ଅଧିକ ପଏଣ୍ଟ, ଯଦି କେହି କିଛି ପଏଣ୍ଟ ପଛରେ ରହିଯାଉଛି, ମାତ୍ର ଉପହାର ପାଇବାକୁ ଚାହୁଁଛି ସେ ମାତ୍ର ୧ ଟଙ୍କାରେ ଏକ ପଏଣ୍ଟ କିଣିପାରିବ। ଉଦ୍ଦେଶ୍ୟ ଥିଲା ବେପାର ବଢେଇବା। ମାତ୍ର ସ୍କୁଲରେ ପଢୁଥିବା ୧୮ ବର୍ଷୀୟ ଜନ ଲିଓନାର୍ଡ କିଛି ଅଲଗା ଚିନ୍ତା କରୁଥିଲେ।

ସେ ଆରମ୍ଭ କରିଦେଲେ ପେପସୀ ପିଇବା ଆଉ ପଏଣ୍ଟ ବଢ଼େଇବା। ଅଫରର ଅବଧି ଥିଲା ୨ ମାସ। ଏଣୁ ସେ ଯେତିକି ପଏଣ୍ଟ ସଂଗ୍ରହ କରିପାରିଲେ ତାକୁ ବାଦ ଦେଇ ପଇସା ଏକାଠି କରି ପଏଣ୍ଟମାନ କିଣିବାକୁ ଲାଗିଲେ। ବନ୍ଧୁ ପରିଜନଙ୍କ ଠାରୁ ଧାରମାଗି କରଜ କରି ସେ ୨ ଲକ୍ଷ ପଏଣ୍ଟ ଏକାଠି କରିନେଲେ। ତଥାପି ୫ ଲକ୍ଷ କମ ପଡ଼ିଲା। ଏତିକି ବେଳେ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ ଟଡ ହଫମାନଲ ନାମକ ଜଣେ ବେପାରୀ। ମାତ୍ର ୧୫ ବୋତଲ ପେପସୀର ୧୫ ପଏଣ୍ଟ ସହ ବାକି ୬୯୯୯୮୫ ଟଙ୍କାର ପଏଣ୍ଟ ସହ ସେ ପେପସୀ ମୁଖ୍ୟାଳୟକୁ ପଠେଇ ହ୍ୟାରିୟର ଜେଟ ଉପହାର ପାଇବାକୁ ଦାବୀ କଲେ। ସ୍ୱାଭାବିକ ଭାବେ ପେପସୀ ଏହି ଦାବୀକୁ ଅଗ୍ରାହ୍ୟ କଲା ଏବଂ ଏହା ଏକ ଥଟ୍ଟାମଜା (ଜୋକ) ଥିବାର ପ୍ରକାଶ କଲା। ଏଥର ମାମଲା କୋର୍ଟକୁ ଗଲା।

ବିଜ୍ଞାପନର ସର୍ତ୍ତାବଳୀକୁ ନେଇ ଲିଓନାର୍ଡ ବି ଲଢିଲେ ମକଦ୍ଦମା। ପେପସୀର ଖ୍ୟାତନାମା ଓକିଲମାନଙ୍କ ଯୁକ୍ତି ଥିଲା, ଏକ ୭ କୋଟି ଟଙ୍କାର ଜେଟ ବିମାନ କିପରି ମାତ୍ର ୭ ଲକ୍ଷ ଟଙ୍କାରେ ଉପହାର ଦିଆଯାଇପାରିବ। ମାତ୍ର ଲିଓନାର୍ଡଙ୍କ ଓକିଲଙ୍କ ଯୁକ୍ତି ମଧ ଅକାଟ୍ୟ। ଏହା ଥଟ୍ଟା ମଜା ବୋଲି ବିଜ୍ଞାପନରେ ଲେଖାଯାଇ ନଥିଲା। ଶେଷରେ ବିଚାରପତି କିମ୍ବା ଉଡ୍ ମହୋଦୟା, ରାୟ ଦେଲେ ପେପସୀ ସପକ୍ଷରେ। ମାତ୍ର ପେପସୀ ସର୍ବସମକ୍ଷରେ ଲିଓନାର୍ଡଙ୍କୁ କ୍ଷମା ପ୍ରାର୍ଥନା କରିବା ସହ ୭ ଲକ୍ଷରୁ ଅଧିକ ମୂଲ୍ୟର ଅନ୍ୟ ଉପହାରମାନ ପହଞ୍ଚେଇ ଦେଲେ ଲିଓନାର୍ଡଙ୍କ ଘରେ ଏବଂ ବିଜ୍ଞାପନ ମଧ ବଦଳାଇଦେଲେ। ମାତ୍ର ସବୁଦିନ ପାଇଁ ଏହା ଏତେ ବଡ କମ୍ପାନୀ ପାଇଁ ଏକ ଶିକ୍ଷା ପାଲଟିଗଲା। ଏଣୁ ମୋ କହିବା କଥା, ବିଜ୍ଞାପନରେ ପିମ୍ପୁଡିଠାରୁ ବି ଛୋଟ ଅକ୍ଷରରେ ଲେଖାଯାଉଥିବା ସର୍ତ୍ତାବଳୀ ସମସ୍ତେ ପଢନ୍ତି ନାହିଁ। ମାତ୍ର ତାକୁ ନେଇ ଯେ, ପରେ ମହାଭାରତ ନହେବ କିଏ କହିବ ?

**ଛାଇ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ-୭୦୦୮୬୦୧୧୬୧**

ଫ୍ୟାସନ୍



# ଓ୍ୱିଣ୍ଟର୍ସ ନେଲ୍ କେୟାର

**ଶୀତ ରତୁରେ ନଖଗୁଡ଼ିକ ପ୍ରାୟତଃ ଦୁର୍ବଳ ହୋଇଯାଏ। ନଖ ଉପରେ ମଧ୍ୟ ସିଧାସଳଖ ପ୍ରଭାବ ପକାଇଥାଏ। ଥଣ୍ଡା ଯୋଗୁ ନଖ ଦୁର୍ବଳ ହେବା ସହ ଶୀଘ୍ର ଭାଙ୍ଗିବା, ପତଳା ହେବା କିମ୍ବା ନଖ ଉପରେ ଦାଗ ଭଳି ସମସ୍ୟାଗୁଡ଼ିକର ସମ୍ମୁଖୀନ ହୁଅନ୍ତି। ଏହାର କାରଣ କେବଳ ପାଗ ନୁହେଁ ବରଂ ହାତର ଉପଯୁକ୍ତ ଯତ୍ନର ଅଭାବ ମଧ୍ୟ।**



ଏପରି ପରିସ୍ଥିତିରେ ଯଦି ନଖଗୁଡ଼ିକ ସଠିକ୍ ପୋଷଣ, ଆର୍ଦ୍ରତା ଏବଂ ସୁରକ୍ଷା ପାଆନ୍ତି। ତେବେ ନଖ ଶକ୍ତିଶାଳୀ, ଚକଚକିଆ ଏବଂ ସୁସ୍ଥ ମଧ୍ୟ ରହିପାରେ। ଶୀତଦିନେ ଅତି ସହଜରେ ଘରୋଇ ଉପଚାରରେ ଆପଣ ନଖର ଯତ୍ନ ନେବା ସହିତ ନଖ ଭାଙ୍ଗିବାକୁ ରୋକି ପାରିବେ। ଏହି ଉପଚାର କରିବା ଦ୍ୱାରା ନଖକୁ ଭିତରୁ ପୁଷ୍ଟିକର କରିବା ସହିତ ବାହ୍ୟ କ୍ଷତିରୁ ମଧ୍ୟ ରକ୍ଷା କରିଥାଏ। ଯେଉଁ କାରଣରୁ ନଖ ଅଧିକ ଦିନ ପର୍ଯ୍ୟନ୍ତ ଦୃଢ଼ ରହେ। ତେଣୁ ବିଳମ୍ବ ନକରି ଆପଣ ଏହି ସହଜ ଘରୋଇ ଉପଚାରରେ ଓ୍ୱିଣ୍ଟର୍ସ ନେଲ୍ କେୟାର ଘରେ କରିପାରିବେ। ଓ୍ୱିଣ୍ଟର୍ସ ନେଲ୍ କେୟାର ଟିପ୍ସ କିଛି ତଳେ ଦିଆଯାଇଛି।

## ନଡ଼ିଆ କିମ୍ବା ବାଦାମ ତେଲ

ପ୍ରତ୍ୟେକ ଘରେ ନଡ଼ିଆ କିମ୍ବା ବାଦାମ ତେଲ ସହଜରେ ଉପଲବ୍ଧ। ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଆପଣ ନଡ଼ିଆ କିମ୍ବା ବାଦାମ ତେଲକୁ ନେଇ ନଖରେ ମାଲିସ୍ କରନ୍ତୁ। ଏହା କରିବା ଦ୍ୱାରା ନଖଗୁଡ଼ିକ ଆର୍ଦ୍ର ଏବଂ ମଜବୁତ ହୋଇଥାଏ। ଏହା ନିଶ୍ଚିତ ଭାବରେ ଆପଣଙ୍କୁ ଆରାମ ମଧ୍ୟ ଦେଇଥାଏ।

## ମଶ୍ଚୁରାଇଜର

ହାତ ଧୋଇବା ପରେ ନଖରେ ମଶ୍ଚୁରାଇଜର ଲଗାନ୍ତୁ। କାରଣ ବାରମ୍ବାର ପାଣିରେ ହାତ ଧୋଇବା ଦ୍ୱାରା ନଖକୁ ଦୁର୍ବଳ କରିଥାଏ। ଆପଣ ଯେତେଥର ହାତ ଧୋଇବେ ସେତେଥର ନଖର କ୍ୟୁଟିକଲ୍ସରେ କ୍ରିମ୍ କିମ୍ବା ଲୋସନ ଲଗାନ୍ତୁ। ଏହାକୁ ଲଗାଇବା ଦ୍ୱାରା ହାତରେ ଶୁଷ୍କତା ରହିନଥାଏ। ଏହି ଟିପ୍ସଟି ହୋଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

## ନେଲପଲିସ୍ ରିମୁଭର୍

ଶୀତ ରତୁରେ କମ୍ ନେଲପଲିସ୍ ରିମୁଭର୍ ବ୍ୟବହାର କରନ୍ତୁ। ଯଦି ଆପଣ ବାରମ୍ବାର ନେଲପଲିସ୍ ବଦଳାଇବାକୁ ଭଲ ପାଆନ୍ତି, ତେବେ ଏହି ଅଭ୍ୟାସକୁ ପରିବର୍ତ୍ତନ କରନ୍ତୁ। କାରଣ ବାରମ୍ବାର ନେଲପଲିସ୍ ଅପସାରଣ କରିବା ପାଇଁ ଆପଣଙ୍କୁ ନେଲ ରିମୁଭର୍ ଦରକାର। ଯାହାଫଳରେ ଆଲ୍କୋହେଲ୍ କିମ୍ବା ଏସିଟୋନ୍ ଦ୍ୱାରା ରିମୁଭର୍ କରିବା ସହ ନଖକୁ ଶୀଘ୍ର ଶୁଖାଇ ଦିଏ। ତେଣୁ ସପ୍ତାହରେ ଅଧିକରୁ ଅଧିକ ନେଲ୍ ରିମୁଭର୍ ବ୍ୟବହାର କରନ୍ତୁ ନାହିଁ।

## ନେଲ୍ ମାସ୍କ

ହାତ ଏବଂ ନଖ ମାସ୍କ ସପ୍ତାହରେ ୧ରୁ୨ ଥର ଲଗାନ୍ତୁ। ଘରୋଇ ଉପଚାରରେ ମହୁ ଏବଂ ଦହି ପରି ପ୍ରାକୃତିକ ଉପାଦାନ ସହିତ ହାତ ଏବଂ ନେଲ୍ ମାସ୍କ ପ୍ରସ୍ତୁତ କରି ଲଗାନ୍ତୁ। ଏହା ଭିତରୁ ନଖକୁ ପୋଷଣ କରିବ ଏବଂ ଭାଙ୍ଗିବାର ସମ୍ଭାବନାକୁ ହ୍ରାସ କରିବ। ହ୍ୟାଣ୍ଡ ଏବଂ ନେଲ୍ ମାସ୍କ ବଜାରରେ ଉପଲବ୍ଧ। ତେଣୁ ସେଗୁଡ଼ିକୁ ବ୍ୟବହାର କରନ୍ତୁ।



ରୋଷେଇ ଘରୁ

# ନଡ଼ିଆ ରସ ଚିଙ୍ଗୁଡ଼ି



**ଆବଶ୍ୟକ ସାମଗ୍ରୀ:** ଚିଙ୍ଗୁଡ଼ି-୫୦୦ଗ୍ରାମ୍, ନଡ଼ିଆ ରସ-୨କପ୍, ପିଆଜ, ଟମାଟୋ, ଅଦା-ରସୁଣ ପେଷ୍ଟ, ଭୃର୍ସିଙ୍ଗପତ୍ର, ଶୁଖିଲା ଲଙ୍କା, କଞ୍ଚାଲଙ୍କା, ଶୋରିସ, ହଳଦି, ଗୋଲମରିଚ ପାଉଡ଼ର, ଧନିଆ ପାଉଡ଼ର, ପାନମଧୁରୀ ପାଉଡ଼ର, ଜୀରା ପାଉଡ଼ର, ଲେମ୍ବୁରସ, ଧନିଆପତ୍ର।

**ପ୍ରଣାଳୀ:** ଚିଙ୍ଗୁଡ଼ିର ଉପର ଖୋଳପା ଛଡ଼ାଇ ଏହାକୁ ଧୋଇ ନିଅନ୍ତୁ। ପ୍ୟାନ୍‌ରେ ତେଲ ଦେଇ ଶୋରିସ, ଶୁଖିଲା ଲଙ୍କା, ଭୃର୍ସିଙ୍ଗପତ୍ର ଏବଂ ଗ୍ରେଟ୍ କରି ରଖିଥିବା ପିଆଜକୁ ୩ରୁ୪ ମିନିଟ୍ ଭାଜିବେ। ପିଆଜ ବ୍ରାଉନ୍ କଲର୍ ହେଲେ ଏଥିରେ ଅଦା-ରସୁଣ ପେଷ୍ଟ, ଟମାଟୋ, ଲୁଣ ପକାଇ କିଛି ସମୟ କଷନ୍ତୁ। ସେଥିରେ ହଳଦି, ଗୋଲମରିଚ ପାଉଡ଼ର, ଧନିଆ ପାଉଡ଼ର, ପାନମଧୁରୀ ପାଉଡ଼ର, ଜୀରା ପାଉଡ଼ର ସହିତ ଅଳ୍ପ ପାଣି ଦେଇ ୨ମିନିଟ୍ କଷିବେ। ଏହି ମସଲାରେ ଧୋଇ ରଖିଥିବା ଚିଙ୍ଗୁଡ଼ି ପକାଇ ଧିମା ଆଞ୍ଚରେ ୩ ମିନିଟ୍ କଷନ୍ତୁ। ଏହି ମସଲାରେ ନଡ଼ିଆ ରସ ଏବଂ କଞ୍ଚାଲଙ୍କା ପକାଇ ୨ମିନିଟ୍ ପାଇଁ ଘୋଡ଼ାଇ ନେବେ। ଶେଷରେ ଲେମ୍ବୁରସ ଓ କାଟି ରଖିଥିବା ଧନିଆପତ୍ର ପକାଇ ଗ୍ୟାସ୍ ବନ୍ଦ କରି ନିଅନ୍ତୁ। ଏହି ଚିଙ୍ଗୁଡ଼ି ନଡ଼ିଆ ରସକୁ ଭାତ, ରୁଟି, ପରଟା କିମ୍ବା ନାନ୍ ସହିତ ଖାଇପାରିବେ।

# ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍: ୯୭୭୭୨୫୨୨୪୦

**ମେଷ**
ସପ୍ତାହଟି ଅଯଥାରେ କଳହ ସୃଷ୍ଟି ହେବ। ପଡ଼ୋଶୀଙ୍କ ସହଯୋଗ ପାଇପାରିବେ। ବନ୍ଧୁ ସାହାଯ୍ୟ ମିଳିପାରେ। ସାହସିକ ପଦକ୍ଷେପ ନେଇପାରନ୍ତି। ଅପ୍ରିୟ ପରିସ୍ଥିତିରେ ପଡ଼ିବେ।
ପ୍ରତିକାର: ପ୍ରତିଦିନ ହନୁମାନ ଚାଳିଶା ପାଠ କରଣୀୟ।

**ବୃଷ**
ସପ୍ତାହଟିରେ ବହୁଦିନର ସମସ୍ୟାର ସମାଧାନ ହେବ। ଅଭାବ ତେଇଁଯିବ। ଷଡ଼ଯନ୍ତ୍ରର ଶିକାର ହେବେ। ଦ୍ରବ୍ୟ ଲାଭ କରିବେ। ପରିବାରରେ ଶୃଙ୍ଖଳା ରହିବ। ସ୍ଥାନାନ୍ତରର ଯୋଗ ରହିଛି।
ପ୍ରତିକାର: ସୋମବାର ଶିବଙ୍କ ପୂଜା କରିବେ।

**ମିଥୁନ**
ସପ୍ତାହଟିରେ ଆୟ କ୍ରମେ ବୃଦ୍ଧିଘଟିବ। ବିବାଦର ସମାଧାନ ହୋଇପାରେ। ଅଟକି ଥିବା କାର୍ଯ୍ୟରେ ଆଗେଇଯିବେ। ସହଯୋଗ ପାଇପାରନ୍ତି। ଅପକର୍ମର ଫଳ ଭୋଗିବେ। ସୁଯୋଗର ଦୁରୁପଯୋଗ କରିବେ।
ପ୍ରତିକାର: ଶନିବାର ଦିନ ଶନିପୂଜା କରଣୀୟ।

**କର୍କଟ**
ସପ୍ତାହଟି ପ୍ରିୟବ୍ୟକ୍ତିଙ୍କ ସହ ମନାନ୍ତର ହେବ। ଯାତ୍ରାରେ ବିଘ୍ନ ହୋଇପାରେ। ବିଭିନ୍ନ ଦିଗରୁ ସମସ୍ୟା ବଢ଼ିଯିବ। ସହକର୍ମୀ ସହାୟତା କରିବେ। ପରିବେଶ ଲାଭଜନକ ହେବ।
ପ୍ରତିକାର: ସୋମବାର ଦିନ ଚନ୍ଦ୍ରପୂଜା କରଣୀୟ।

**ସିଂହ**
ସପ୍ତାହଟି ପ୍ରିୟବ୍ୟକ୍ତିଙ୍କ ପାଇଁ ଚିନ୍ତା ବଢ଼ିଯିବ। ଯୋଜନା କାର୍ଯ୍ୟକାରୀ ହେବ। ନିଜର ପ୍ରମାଦ ପାଇଁ ନିନ୍ଦିତ ରହିବେ। ସମ୍ପତ୍ତି ପାଇଁ ଗଣ୍ଡଗୋଳ ଲାଗିବ। ଚିନ୍ତା ଦୂରେଇଯିବ।
ପ୍ରତିକାର: ମଙ୍ଗଳବାର ଦୁର୍ଗାଙ୍କ ପୂଜା କରିବେ।

**କନ୍ୟା**
ସପ୍ତାହଟିରେ ଗୃହରେ ପରିବର୍ତ୍ତନ ହୋଇପାରେ। ପ୍ରିୟବନ୍ଧୁଙ୍କ ପାଇଁ ଚିନ୍ତା ବଢ଼ିବ। ଯୋଜନା କାର୍ଯ୍ୟକାରୀ ହେବ। ନିଜର ପ୍ରମାଦ ପାଇଁ ନିନ୍ଦିତ ହେବେ। ସମ୍ପତ୍ତି ଘଟଣାରେ ଗଣ୍ଡଗୋଳ ବଢ଼ିଯିବ।
ପ୍ରତିକାର: ହନୁମାନ ଚାଳିଶା ପାଠ କରଣୀୟ।

**ତୁଳା**
ସପ୍ତାହଟି ଧର୍ମ ଭାବନାରେ ଶାନ୍ତି ବଢ଼ିବ। ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହୋଇପାରେ। ଅଜାଣତରେ ପ୍ରତାରିତ ହୋଇପାରନ୍ତି। ଅନ୍ୟ ନିୟନ୍ତ୍ରଣରେ ରହିବେ। ବୃଥାକାର୍ଯ୍ୟରେ ସମୟ କଟାଇବେ।
ପ୍ରତିକାର: ସୂର୍ଯ୍ୟଦେବଙ୍କ ପୂଜା କରଣୀୟ।

**ବିଛା**
ସପ୍ତାହଟିରେ ଅଧିକ ପରିଶ୍ରମ କରି କାର୍ଯ୍ୟରେ ସଫଳ ହେବେ। ଅର୍ଥାଭାବ ଦୂରେଇଯିବ। ବନ୍ଧୁବାନ୍ଧବଙ୍କ ସଙ୍ଗରେ ସମୟ ଅତିବାହିତ କରିବେ। ଅନ୍ୟାୟର ପ୍ରତିରୋଧ କରିବେ।
ପ୍ରତିକାର: ଜଗନ୍ନାଥ ଆରାଧନା କରଣୀୟ।

**ଧନୁ**
ସପ୍ତାହଟିରେ ନୂତନ କାର୍ଯ୍ୟରେ ଆଗ୍ରହୀ ହେବେ। ବନ୍ଧୁ ମେଳରେ ଦିନ କାଟିବେ। ଅର୍ଥାଭାବ ଦୂରେଇଯିବ। ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବ। ମନୋବଳ ସୁଦୃଢ଼ ହେବ।
ପ୍ରତିକାର: ଶନିବାର ଦିନ ଶନିମନ୍ଦିରେ ପୂଜା କରଣୀୟ।

**ମକର**
ସପ୍ତାହଟି ମାନ ଅପମାନରୁ ଦୂରେଇ ରହିବେ। ଦୁର୍ଘଟଣାରେ ପଡ଼ିପାରନ୍ତି। କୌଣସି କାର୍ଯ୍ୟରେ ଉଚ୍ଚ ପ୍ରଶଂସିତ ହୋଇପାରନ୍ତି। ସମ୍ପଦରେ ବୃଦ୍ଧି ହୋଇପାରେ। ମାନସିକ ଦ୍ୱନ୍ଦ୍ୱ ଅନୁଭବ କରିପାରନ୍ତି।
ପ୍ରତିକାର : ଗାୟତ୍ରୀ ମନ୍ତ୍ରପାଠ କରଣୀୟ।

**କୁମ୍ଭ**
ସପ୍ତାହଟିରେ କର୍ମ ଓ ଦାୟିତ୍ୱରେ ପରିବର୍ତ୍ତନ ଘଟିବ। ଶରୀର ଅସୁସ୍ଥ ରହିବ। ବ୍ୟବସାୟରେ ଲାଭପ୍ରଦ ହେବ। ଗୃହକାର୍ଯ୍ୟରେ ମନଦେବେ। ଅର୍ଥଲାଭ କରିପାରନ୍ତି। ସବୁଦିଗରୁ ହତାଶ ହେବେ।
ପ୍ରତିକାର: ମା'ମଙ୍ଗଳାଙ୍କ ପୂଜା କରଣୀୟ।

**ମୀନ**
ସପ୍ତାହଟିରେ କର୍ମକ୍ଷେତ୍ରରେ ଅଶାନ୍ତି ହେବ। ସ୍ଥାନାନ୍ତରିତ ଯୋଗ। ଧୈର୍ଯ୍ୟ ଧରି କାର୍ଯ୍ୟ କରିବେ। ନିଷ୍ଠାନର ସହ କାର୍ଯ୍ୟ କରିପାରନ୍ତି। ସୁଖ ସମ୍ମାନ ପାଇବେ।
ପ୍ରତିକାର: ଓଁ ନମଃ ଶିବାୟ ମନ୍ତ୍ରପାଠ କରଣୀୟ।

ସଂସ୍କୃତି ଓ ପର୍ଯ୍ୟଟନ

# ଶ୍ରୀକାଳହସ୍ତୀ

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

ଭଗବାନ ପ୍ରତ୍ୟେକ ବସ୍ତୁରେ ଓ ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ବିଦ୍ୟମାନ। ତଥାପି ଆମେ ତୀର୍ଥସ୍ଥାନ ଯାତ୍ରା କରି ତାଙ୍କୁ ଦର୍ଶନ କରିବାକୁ ପ୍ରୟାସ କରୁ। କାରଣ ପବିତ୍ର ସ୍ଥାନ ମାନଙ୍କରେ ଆମେ ଭଗବାନଙ୍କ ଉପସ୍ଥିତି ଅନୁଭବ କରୁ। ତୀର୍ଥ ଶବ୍ଦର ଅର୍ଥ ହେଉଛି ଯେଉଁ ସ୍ଥାନକୁ ଗଲେ ମଣିଷ ତରିଯାଏ। ଭାରତ ଏକ ତୀର୍ଥ ଭୂମି। କାରଣ ଭାରତରେ ଅନେକ ପବିତ୍ର ଦେବାଦେବୀ ମନ୍ଦିର ଅବସ୍ଥିତ ଯେଉଁଠିକୁ ପ୍ରତ୍ୟହ ହଜାର ହଜାର ଭକ୍ତ ଯାତ୍ରା କରି ମୋକ୍ଷପ୍ରାପ୍ତ ହୁଅନ୍ତି। ଭାରତରେ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ସମେତ ଅନେକ ପ୍ରସିଦ୍ଧ ଶିବ ମନ୍ଦିର ଅବସ୍ଥିତ। ଭଗବାନ ଶିବଶଙ୍କର ନିରାକାର। ସେ ପୁଣି ସାକାର, ଶିବଲିଙ୍ଗଙ୍କୁ ପୂଜା କରିବା ସ୍ୱୟଂ ଶିବ ଶଙ୍କରଙ୍କୁ ପୂଜା କରିବା ସହ ସମାନ। ପବିତ୍ର ଶିବଲିଙ୍ଗଙ୍କର ହସ୍ତ, ପାଦ, ଚକ୍ଷୁ, କର୍ଣ୍ଣ ନ ଥିଲେ ମଧ୍ୟ ସେ ସର୍ବତ୍ର ବିରାଜିତ। ଏହିପରି ଏକ ପ୍ରସିଦ୍ଧ ସ୍ୱୟମ୍ଭୁ ଲିଙ୍ଗ ହେଲେ ଶ୍ରୀକାଳହସ୍ତୀଶ୍ୱର ବା ଶ୍ରୀକାଳେଶ୍ୱର।





ଆନ୍ଧ୍ରପ୍ରଦେଶର ତ୍ରିଚୁର ଜିଲ୍ଲାରେ ଅବସ୍ଥିତ ଶ୍ରୀ କାଳହସ୍ତୀ ମନ୍ଦିର ହିନ୍ଦୁ ମାନଙ୍କର ଏକ ବିଶିଷ୍ଟ ପୂଜା ସ୍ଥଳ। ଏହ ମନ୍ଦିର ଦକ୍ଷିଣର କୈଳାସ ନାମରେ ପରିଚିତ। ଏହା ସ୍ୱର୍ଣ୍ଣମୁଖୀ ନଦୀକୂଳରେ ଅବସ୍ଥିତ ଏକ ପ୍ରସିଦ୍ଧ ଶିବ ମନ୍ଦିର। ଏହି ମନ୍ଦିର ରାହୁ ଓ କେତୁ ଗ୍ରହଙ୍କ ପୂଜା ପାଇଁ ପ୍ରସିଦ୍ଧ। ଏଠାରେ ରାହୁ ଓ କେତୁଙ୍କ ପୂଜା ପାଇଁ ଅମାବାସ୍ୟା, ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ତିଥିକୁ ପବିତ୍ର ମନାଯାଏ। ରବିବାର ଦିନକୁ ମଧ୍ୟ ପୂଜା ପାଇଁ ଏଠାରେ ଶୁଭ ମନାଯାଏ। ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ସମୟରେ ଯେତେବେଳେ ଅନ୍ୟ ସମସ୍ତ ମନ୍ଦିର ବନ୍ଦ ରହେ କେବଳ ଏହି ମନ୍ଦିର ଖୋଲା ରହେ। ମନ୍ଦିର ପ୍ରତ୍ୟେକ ଦିନ ସକାଳ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହି ପୂଜା ଅର୍ଚ୍ଚନା କରାଯାଏ ଓ ଭକ୍ତମାନେ ଶୃଙ୍ଖଳିତ ହୋଇ ଧାଡ଼ିରେ ଯାଇ ଦର୍ଶନ କରନ୍ତି। ଏହି ମନ୍ଦିର ଶିବଙ୍କୁ ସମର୍ପିତ ଏବଂ ଏଠାରେ ପୂଜା ପାଉଥିବା ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀ ଏହି ପଞ୍ଚତତ୍ତ୍ୱ ମଧ୍ୟରୁ ବାୟୁତତ୍ତ୍ୱ ଅନ୍ୟତମ। ମନ୍ଦିର ଗର୍ଭଗୃହ ମଧ୍ୟରେ ଯଦିଓ କୌଣସି ବାୟୁ ଚଳାଚଳ ହୁଏ ନାହିଁ ଭକ୍ତମାନେ ପବନ ବହିବା ପରି ଅନୁଭବ କରନ୍ତି। ଏପରିକି ଗର୍ଭଗୃହରେ ଏକ ତୈଳ ଦୀପର ଶିଖା ପବନରେ ହଲିଲା ପରି ଦୃଷ୍ଟି ଗୋଚର ହୁଏ।

ଶ୍ରୀକାଳହସ୍ତୀ ଲିଙ୍ଗ ସ୍ୱୟମ୍ଭୁଲିଙ୍ଗ। ଅର୍ଥାତ୍ ନିଜେ ଆବିର୍ଭୂତ। ତାଙ୍କୁ କେହି ସ୍ଥାପନା କରି ନାହାନ୍ତି। ଶ୍ରୀ କାଳହସ୍ତୀ ନାମ ତିନୋଟି ଶବ୍ଦର ସମାହାର। ପ୍ରଥମରେ ଶ୍ରୀ ଅର୍ଥାତ୍ ମକଡ଼ି ବା ବୁଢ଼ୀଆଣୀ, ଦ୍ୱିତୀୟରେ କାଳ ଅର୍ଥ ସର୍ପ ଓ ତୃତୀୟରେ ହସ୍ତୀ ଯେଉଁମାନେ ଏଠାରେ ଶିବଙ୍କୁ ପୂଜା କରି ମୋକ୍ଷପ୍ରାପ୍ତ ହୋଇଥିଲେ। ତେଣୁ ସେମାନଙ୍କ ନାମରେ ଶିବଙ୍କୁ ଏଠାରେ ଶ୍ରୀକାଳହସ୍ତୀଶ୍ୱର ନାମରେ ପୂଜା କରାଯାଏ। ଆଉ ଏକ ତତ୍ତ୍ୱ ଅନୁସାରେ ବାୟୁ ଦେବତା ଓ ଶେଷନାଗ ମଧ୍ୟରୁ କିଏ ଶ୍ରେଷ୍ଠ ବୋଲି ପରିଚିତ ହେବାକୁ ଏଠାକୁ ଆସିଥିଲେ ଏବଂ ଭସ୍ମ ଶିବଲିଙ୍ଗ ଭକ୍ତ ହୋଇ ଏଠାରେ ପୂଜା ପାଇଲେ। ଶ୍ରୀକାଳହସ୍ତୀ ମନ୍ଦିରକୁ ଆନ୍ଧ୍ରପ୍ରଦେଶ ଓ ଚେନ୍ନାଇର ବଡ଼ ବଡ଼ ସହର ମାନଙ୍କୁ ସଡ଼କ ଓ ରେଳଯାତ୍ରା ଉପଲବ୍ଧ। ଏଠାରୁ ନିକଟତମ ଏୟାରପୋର୍ଟ ତିରୁପତିରେ ଅବସ୍ଥିତ। ତିରୁପତି ଠାରୁ ଶ୍ରୀ କାଳହସ୍ତୀର ଦୂରତା ୩୭ କିମି ଓ ସଡ଼କ ପଥରେ ଏକ ଘଣ୍ଟା ସମୟ ଲାଗେ। ଶିବ ଶଙ୍କରଙ୍କୁ ସମର୍ପିତ ଶ୍ରୀ କାଳହସ୍ତୀ ମନ୍ଦିର ବିଜୟନଗର ସାମ୍ରାଜ୍ୟର ସମ୍ରାଟ କୃଷ୍ଣଦେବରାୟ ୧୫୧୬ ମସିହାରେ ନିର୍ମାଣ କରିଥିଲେ। ମନ୍ଦିର ପରିସରରେ ପ୍ରବେଶ ମାତ୍ରେ ଦର୍ଶକମାନେ ଅତ୍ୟନ୍ତ ମନମୁଗ୍ଧକର କାରୁକାର୍ଯ୍ୟ ସମ୍ପନ୍ନ ମୂର୍ତ୍ତି, ପୌରାଣିକ ତଥ୍ୟ ସମ୍ବଳିତ ବିଭିନ୍ନ ଆକୃତିର ପଥର ଖୋଦେଇ ବିଗ୍ରହମାନ ମନ୍ଦିରର କାନ୍ଥ, ଛାତ, ପ୍ରାଚୀର ପଥର ମାନଙ୍କରେ ଦେଖିବାକୁ ପାଇବେ। ବିଶେଷତଃ ଏହାର ଗୋପୁରମ୍ର ସ୍ତମ୍ଭମାନଙ୍କରେ ହୋଇଥିବା କାରୁକାର୍ଯ୍ୟ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ।



ପ୍ରଥମେ ତିରୁପତିରେ ଶ୍ରୀ ଭେଙ୍କଟେଶ୍ୱରଙ୍କୁ ଦର୍ଶନ କରି ତାପରେ ଶ୍ରୀକାଳହସ୍ତୀ ଯାତ୍ରା କରନ୍ତି। ଯଦି କାହାକୁ ରାହୁ କେତୁ ପୂଜା କରିବାକୁ ଥାଏ ତେବେ ଆଗ ଶ୍ରୀକାଳହସ୍ତୀରେ ପୂଜା ସାରି ଓ ଦର୍ଶନ କରି ତିରୁପତି ଯାତ୍ରା କରନ୍ତି। ଏଠାରେ ଅନେକ ପର୍ବପର୍ବାଣି ପାଳନ କରାଯାଉଥିଲେ ମଧ୍ୟ ମହାଶିବରାତ୍ରୀ ଓ କାର୍ତ୍ତିକ ପୂର୍ଣ୍ଣିମା ବିଶେଷ ଭାବରେ ପାଳନ କରାଯାଏ। ସାରା ଭାରତରୁ ଭକ୍ତମାନେ ଏହି ଦିନରେ ଏଠାକୁ ରାହୁ କେତୁ ପୂଜା କରି ଗ୍ରହଶାନ୍ତି କରିବାକୁ ଆସନ୍ତି। ସ୍ୱୟମ୍ଭୁଲିଙ୍ଗ ଶ୍ରୀ କାଳହସ୍ତୀଶ୍ୱୀର ଲିଙ୍ଗଙ୍କୁ କେହି ସ୍ପର୍ଶ କରନ୍ତି ନାହିଁ। ଏପରିକି ପୂଜକମାନେ ମଧ୍ୟ ସ୍ପର୍ଶ କରନ୍ତି ନାହିଁ। ଏଠାରେ ଭଗବାନ ଶ୍ରୀକାଳହସ୍ତୀଶ୍ୱରଙ୍କ ସହିତ ଦେବୀ ଜ୍ଞାନପ୍ରସୂନ ଅମ୍ବାଙ୍କୁ ମଧ୍ୟ ପୂଜା କରାଯାଏ। ଶ୍ରୀ କାଳହସ୍ତୀ କଲମକରି ଶାଢ଼ୀ ଓ ପୂଜା ସାମଗ୍ରୀ ପାଇଁ ପ୍ରସିଦ୍ଧ। ଏଠାରେ ପ୍ରସ୍ତୁତ ପାଲାକୋଭା ମିଠା, କାଲାକନ୍ଦ, ପେଡ଼ା ଓ କ୍ଷୀରି ରାବିଡ଼ିରେ ପ୍ରସ୍ତୁତ ସୁସ୍ୱାଦୁ ମିଠାମାନ ପ୍ରସାଦ ଭାବରେ ଉପଲବ୍ଧି ହୁଏ। ଦ୍ରାବିଡ଼ ସଂସ୍କୃତି ସମ୍ପନ୍ନ କଳାକୃତିର ମନ୍ଦିର ଶ୍ରୀ କାଳହସ୍ତୀ ଏହାର ସାଂସ୍କୃତିକ ସମ୍ପନ୍ନ କଳାକୃତିର ମନ୍ଦିର ଶ୍ରୀକାଳହସ୍ତୀ ଏହାର ସଂସ୍କୃତି ଓ ଧାର୍ମିକ ଭାବର ପବିତ୍ର ସମାରୋହ। ଶ୍ରୀ କାଳହସ୍ତୀଶ୍ୱର ଯାତ୍ରା କେବଳ ତୀର୍ଥାଟନ ନୁହେଁ ଏହା ଭାରତୀୟ ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଐତିହ୍ୟର ଏକ ଗଭୀର ଅନୁଭବ। ମନ୍ଦିରର ଆକୃତି, ପୁରାତନ ଶିଳ୍ପକଳା, ଗର୍ଭଗୃହରେ ପୂଜିତ ସ୍ୱୟମ୍ଭୁ ବାୟୁଲିଙ୍ଗଙ୍କର ସରଳ କିନ୍ତୁ ପ୍ରଭାବଶାଳୀ ପୂଜା ପଦ୍ଧତି ଭକ୍ତମାନେ ମନକୁ ଶାନ୍ତି, ପବିତ୍ରତା ଓ ଆତ୍ମବଳ ପ୍ରଦାନ କରେ। ଏହିପରି ଶହ ଶହ ବର୍ଷ ହେଲା ଶ୍ରୀ କାଳହସ୍ତୀ ସମସ୍ତଙ୍କର ଭକ୍ତି, ଆଶ୍ରୟ ଓ ପ୍ରେରଣାର କେନ୍ଦ୍ର ଭାବରେ ପ୍ରସିଦ୍ଧି ହୋଇ ରହିଅଛି।

ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର, ସିଡିଏ, ସେକ୍ଟର-୬, କଟକ,
ଦୂରଭାଷ : ୯୮୬୧୩୫୫୬୨୮

ମନୋରଞ୍ଜନ





# ଡାନ୍ସ ଓଡ଼ିଶା ଡାନ୍ସ

ସେଲିବ୍ରିଟି ୱିଥ୍ ଲିଟିଲ୍ ମାଷ୍ଟର୍ସ ଜୀ ସାର୍ଥକରେ ଆରମ୍ଭ ହେବାକୁ ଯାଉଛି ଓଡିଶାର ସବୁଠାରୁ ବଡ଼ ଡ୍ୟାନ୍ସ ରିୟଲିଟି ଶୋ' 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ'। ଏକ ନୂଆ ସିଜିନ ସହ ଶୋ'ଟି ପୁଣି ଥରେ ଫେରୁଛି ଟିଭି ପରଦାକୁ, ଯାହାକୁ ଏବେ 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ – ସେଲିବ୍ରିଟି ୱିଥ୍ ଲିଟିଲ୍ ମାଷ୍ଟର୍ସ' ଭାବରେ ପୁନଃକଳ୍ପିତ କରାଯାଇଛି। ଶୋ'ର ପ୍ରିମିୟର ଗତକାଲି ଶେଷ ହୋଇଥିବା ବେଳେ ନୂଆ ନୂଆ ଏପିସୋଡ୍ ସହ ଏକ ଦମ୍‌ଦାର ଗ୍ରାଣ୍ଡ୍ ଫିନାଲେ ସହିତ ଏହି ସିଜିନ୍ ଏକ ରୋମାଞ୍ଚକର ମୋଡ଼ ନେବ। କାରଣ ଏଥର ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ଲୋକପ୍ରିୟ ଓଡ଼ିଆ ସେଲିବ୍ରିଟିଙ୍କୁ ଅସାଧାରଣ ପ୍ରତିଭାଶାଳୀ ଶିଶୁ ପ୍ରତିଯୋଗୀମାନଙ୍କ ସହ ଯୋଡ଼ାଯିବ ଏହି ଡ୍ୟାନ୍ସ ରିୟଲିଟି ଶୋ'ରେ। ଏହି ଶୋ'ଟି ପ୍ରତି ଶନିବାର ଓ ରବିବାର ସନ୍ଧ୍ୟା ୯:୩୦ରେ ପ୍ରସାରିତ ହେବ କେବଳ ଜୀ ସାର୍ଥକରେ। ଏଥର ୧୦ ଜଣ ସେଲିବ୍ରିଟି ଏବଂ ୧୦ ଜଣ ଲିଟିଲ୍ ମାଷ୍ଟର୍ସ ଦୁଇଟି ଦଳ ଗଠନ କରିବେ, ଯାହାର ନାମ ରଖାଯାଇଛି ରଙ୍ଗବତୀ ୨.୦ ଆଉ ଲଟକମଣି ୨.୦। ପ୍ରତିଯୋଗୀମାନେ ହାଇ ଭୋଲଟେଜ୍, ରୋମାଣ୍ଟିକ୍, ଫେଷ୍ଟିଭାଲ୍, କମେଡି, ଆଇଟମ୍ ନମ୍ବର ଏବଂ ଅନ୍ୟାନ୍ୟ ରୋମାଞ୍ଚକର ଥିମ୍ ରାଉଣ୍ଡରେ ପ୍ରତିଯୋଗିତା କରିବେ। ସେଲିବ୍ରିଟି ନିକିତା, ଦେବସ୍ମିତା, ଅନନ୍ୟା, ରୋମ୍ୟାଞ୍ଜଳି, ସୁଶ୍ରୀ, ପିହୁ, ଲଭରିନ, ସୁଲଗ୍ନା, ହିତେସା ଓ ମାନସୀ ପ୍ରତ୍ୟେକ ଏପିସୋଡ୍‌ରେ ନୃତ୍ୟର ବିଭିନ୍ନ ଶୈଳୀ ମାଧ୍ୟମରେ ନିଜର ଲିଟିଲ୍ ମାଷ୍ଟର୍ସ ଯୋଡିଙ୍କ ସହ ଓଡ଼ିଶାର ଦର୍ଶକଙ୍କ ପାଇଁ ଆଣିବେ ନୂତନ ଅନୁଭୂତି। ଏହି ଶୋ'କୁ ହୋଷ୍ଟ କରିବେ ଲୋକପ୍ରିୟ ଆଙ୍କର ସୁଜିତ ପାଇକରାୟ। ସମ୍ମାନିତ ବିଚାରକଙ୍କ ପ୍ୟାନେଲ୍‌ରେ ଦେବାଶିଷ ପାତ୍ର, ହରିହର ଦାସ, ଅମିତ ନାୟକ ଏବଂ ସୂର୍ଯ୍ୟମୟୀ ମହାପାତ୍ର ଅଛନ୍ତି ଯେଉଁମାନେ ଓଡ଼ିଆ ମନୋରଞ୍ଜନ ଏବଂ ନୃତ୍ୟଶିଳ୍ପ ଜଗତର ଜଣେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ କଳାକାର। ୟୁଟ୍ୟୁବ୍ କମେଡି ସେନ୍‌ସେସନ୍ ରାଜୁ ଦାସ (ସାହୁ ବାବୁ ଫେମ୍)ଙ୍କୁ ନେଇ ଏଥର ଏକ ସ୍ୱତନ୍ତ୍ର ସ୍ୱାଦ ଏଥିରେ ଯୋଡ଼ାଯିବ।

# ଆଇଟମ୍ ନମ୍ବରରେ ସୂର୍ଯ୍ୟମୟୀ

ଏ ସମୟରେ ଅଧିକ ଚର୍ଚ୍ଚାରେ ରହିଛି ନିର୍ମାଣାଧୀନ ଚଳଚ୍ଚିତ୍ର 'ରକ୍ତ ଗୋଲାପ'ର ଏକ ଆଇଟମ୍ ନମ୍ବର। ଓଲିଉଡ୍‌ର ଅନ୍ୟତମ ନାୟିକା ସୂର୍ଯ୍ୟମୟୀ ଏହି ଫିଲ୍ମର ଆଇଟମ୍ ନମ୍ବରଟି ଦେଇଛନ୍ତି। 'ପାତଲ୍ ଘଣ୍ଟା...' ଶୀର୍ଷକ ଥିବା ଏହି ଆଇଟମ୍ ନମ୍ବରରେ ଦିଆଯାଇଛି ସମ୍ବଲପୁରୀ ଫ୍ଲେଭର୍। ସମ୍ବଲପୁରୀ ଫ୍ଲେଭର୍ ସାଙ୍ଗକୁ ସୂର୍ଯ୍ୟମୟୀଙ୍କ ଠୁମ୍‌କା ଦର୍ଶକଙ୍କ ମନ କିଣିନେବ ନିଶ୍ଚୟ। 'ପାତଲ୍ ଘଣ୍ଟା..' ଶୀର୍ଷକ ଥିବା ଏହି ଗୀତଟିକୁ ରଚନା କରିଛନ୍ତି ରଞ୍ଜନ ନାୟକ। ଏହାକୁ ସଙ୍ଗୀତ ଦେଇଛନ୍ତି ଆଶିଷ ପ୍ରଧାନ। ଅସୀମା ପଣ୍ଡାଙ୍କ କଣ୍ଠରେ ଗୀତଟିକୁ ରେକର୍ଡ କରାଯାଇଛି। ଏଥିରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ବର୍ତ୍ତମାନ ସମୟର ସବୁଠୁ ସଫଳ ନୃତ୍ୟ ନିର୍ଦ୍ଦେଶକ ଅମିତ। ଏହି ଆଇଟମ୍ ଗୀତରେ ସୂର୍ଯ୍ୟମୟୀଙ୍କ ଠୁମ୍‌କା ଯୁବ ବର୍ଗଙ୍କୁ ଖୁବ୍ ଆକର୍ଷିତ କରିବ। ତେବେ ଫିଲ୍ମରେ ଦେଖିବାକୁ ପାଇବେ ପ୍ରେମ, ତ୍ୟାଗ ଏବଂ ସଂଘର୍ଷର ଏକ ଶକ୍ତିଶାଳୀ କାହାଣୀ। ପିଏସ୍ ମୋସନ୍ ପିକଚର୍ସ ସହ ମିଳିତ ଭାବେ ଆସ୍ଥେଟିକ୍ ଫିଲ୍ମ ବ୍ୟାନର୍ ଅନ୍ତର୍ଗତ ଫିଲ୍ମଟିକୁ ନିର୍ମାଣ କରାଯାଉଛି ଯାହାର ନିର୍ଦ୍ଦେଶନା ଦାୟିତ୍ୱ ବହନ କରିଛନ୍ତି ପିନାକୀ ସିଂହ ଓ ଶିଶିର କୁମାର ସାହୁ। ଫିଲ୍ମଟିର ପ୍ରଯୋଜକମାନେ ହେଉଛନ୍ତି ଅଶ୍ରୁଜିତ ମହାପାତ୍ର ଓ ଶୋଭନ ଦାସ। ଫିଲ୍ମର କଳାକାରମାନଙ୍କ ସୂଚୀରେ ରହିଛି ଏଲିନା, ଚୌଧୁରୀ ଜୟପ୍ରକାଶ ଦାସ, ଅଭିଷେକ ଗିରି, ସମରେଶ ରାଉତରାୟ, ହର ରଥ ଓ ଉଦିତ ଗୁରୁଙ୍କ ନାମ। ଖୁବ୍ ଶୀଘ୍ର ଫିଲ୍ମଟି ବଡ଼ ପରଦାକୁ ଆସିବ ଯାହାର ଫାଷ୍ଟ ଲୁକ୍ ଜାରି ହୋଇସାରିଛି।



# ଡେବ୍ୟୁ କରିବେ ଏଲ୍‌ଭିସ୍

ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍ସର୍‌ରୁ ଆରମ୍ଭ କରି 'ବିଗ୍ ବସ୍ ଓଟିଟି-୨'ର ବିଜେତା ଏଲ୍‌ଭିସ୍ ଯାଦବଙ୍କ ଜୀବନ ଏବେ ବଦଳି ଯାଇଛି। ଏଲ୍‌ଭିସ୍ ଜଣେ ୟୁଟ୍ୟୁବର, ଷ୍ଟ୍ରିମର୍ ଓ ଗାୟକ ଯିଏ ଗୁରୁଗ୍ରାମର ନିବାସୀ। ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ରୋଷ୍ଟ ଭିଡିଓ, ବ୍ଲଗ୍ ଓ ଅନ୍ୟ କମେଡି କଣ୍ଟେଣ୍ଟ୍ ପାଇଁ ସେ ବେଶ୍ ପ୍ରସିଦ୍ଧ। ଅନେକ ରିୟଲିଟି ଶୋ' କରିବା ପରେ ଏଲ୍‌ଭିସ୍ ଏବେ ଅଭିନୟ ଦୁନିଆରେ ପାଦ ପକେଇବା ପାଇଁ ପ୍ରସ୍ତୁତ ହେଉଛନ୍ତି। ତାଙ୍କର ପ୍ରଥମ ୱେବ ସିରିଜ 'ଔକାତ୍ କେ ବାହାର୍'ର ଟ୍ରେଲର୍ ରିଲିଜ ହୋଇସାରିଛି। ଏଥିରେ ପାଠପଢ଼ା, ଭଲପାଇବା ଓ ରୋମାନ୍ସ ସହିତ ନିଜର କ୍ରୋଧକୁ ମୁକ୍କେବାଜିର ରିଙ୍ଗ୍ ଭିତରେ ଦେଖଉଛନ୍ତି ଏଲ୍‌ଭିସ୍। ଏହା ଏକ କ୍ୟାମ୍ପସ୍ ଡ୍ରାମା ୱେବ୍ ସିରିଜ ଯାହା ନିଜ ନାମ ପରି ନିଜ ପରିଚୟର କାହାଣୀ କହୁଛି। ଏହାର ହୃଦୟସ୍ପର୍ଶୀ କାହାଣୀଟି କଲେଜ କ୍ୟାମ୍ପସ୍ ଜୀବନର ବ୍ୟସ୍ତତା ଓ ବେବାକ୍ ଦୁନିଆର ଗଭୀରତାକୁ ନେଇ ଆଗକୁ ବଢ଼ିଛି। କାହାଣୀରେ ରହିଛି ଦିଲ୍ଲୀର ଜିନ୍ଦାଦିଲ୍, କମେଡି, ହୃଦୟ ଭାଙ୍ଗିବା ପରି ଯନ୍ତ୍ରଣା, କ୍ୟାମ୍ପସ୍‌ର ଶତ୍ରୁତା। ତନ୍ମୟ ରସ୍ତୋଗୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ୱେବ ସିରିଜର ନିର୍ମାଣ କରୁଛି ରସ୍କ ମିଡିଆ। ଏଥିରେ ଏଲ୍‌ଭିସ୍‌ଙ୍କ ସହିତ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ମହ୍ଲାର ରାଠୋର, ହେତଲ ଗାଡ଼ା, ନିଖିଲ ବିଜୟ ଓ କେଶବ ସାଧନା। ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ଏ ସମୟରେ ସେ ଅଡ୍ଡା ଏକ୍ସଟ୍ରିମ୍ ବ୍ୟାଟଲ୍ ନାମକ ଏକ ରିୟଲିଟି ଶୋ'କୁ ସେ ହୋଷ୍ଟ କରୁଛନ୍ତି ଯେଉଁଟି ଜିଓହଟ୍‌ଷ୍ଟାରରେ ପ୍ରସାରିତ ହେଉଛି।



# ଫାଇଟର୍ ପାଇଲଟ୍ ରନ୍‌ବୀର-ବିକ୍କି

ବଲିଉଡ୍‌ର ଜଣାଶୁଣା ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଂସାଲୀଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'ଲଭ୍ ଆଣ୍ଡ ୱାର୍' ବର୍ତ୍ତମାନ ଖୁବ୍ ଚର୍ଚ୍ଚାରେ ରହିଛି। ଏହା ମଧ୍ୟରେ ଫିଲ୍ମର ମୁଖ୍ୟ ଅଭିନେତା ରନ୍‌ବୀର କପୁର ଓ ବିକ୍କି କୌଶଲଙ୍କ ଏକ ନୂଆ ଫଟୋ ଭାଇରାଲ୍ ହେଉଛି ଯେଉଁଥିରେ ଏମାନଙ୍କୁ ଏୟାର୍‌ଫୋର୍ସ ୟୁନିଫର୍ମରେ ଏକ ଫାଇଟର୍ ଜେଟ୍ ପାଖରେ ଛିଡ଼ା ହେବାର ଦେଖିବାକୁ ମିଳୁଛି। ତେବେ ଫିଲ୍ମଟିର ସୁଟିଂ ଆସନ୍ତା ବର୍ଷ ଶେଷ ହେବ ବୋଲି ଏହାର ଟିମ୍ କହିଛି। କିନ୍ତୁ 'ଲଭ୍ ଆଣ୍ଡ ୱାର୍' ଓ ଫିଲ୍ମ 'ରାମାୟଣ' ରିଲିଜ ହେବା ମଧ୍ୟରେ ଅତି କମ୍‌ରେ ଚାରି ମାସର ବ୍ୟବଧାନ ରହିବା ଉଚିତ ବୋଲି ଚାହୁଁଛନ୍ତି ରନ୍‌ବୀର। ରନ୍‌ବୀର ଜୁନ୍ ମାସରେ ଫିଲ୍ମଟିକୁ ରିଲିଜ କରିବାକୁ ଚାହୁଁଥିବା ବେଳେ ଭଂସାଲୀ ସ୍ୱାଧୀନତା ଦିବସ ଅବସରରେ ଫିଲ୍ମଟିକୁ ରିଲିଜ କରେଇବାକୁ ଚାହୁଁଛନ୍ତି। ଏହି ଫିଲ୍ମ ସହିତ ଭଂସାଲୀ ଦୀର୍ଘ ଦିନ ପରେ ଏକ ପ୍ରେମ କାହାଣୀକୁ ନେଇ ବଡ଼ ପରଦାକୁ ଫୁଲ୍ ଦମ୍‌ରେ ଫେରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଫିଲ୍ମର ନିର୍ଦ୍ଦେଶନା ସହିତ ପ୍ରଡକ୍ସନ କାମ ମଧ୍ୟ ନିଜେ ଭଂସାଲୀ ସମ୍ଭାଳୁଛନ୍ତି। ୨୦୦ କୋଟି ବଜେଟ୍‌ର ଏହି ଫିଲ୍ମଟି ଯୁଦ୍ଧ ବ୍ୟାକଗ୍ରାଉଣ୍ଡ୍‌ର କାହାଣୀ ଉପରେ ଆଧାରିତ। ତେବେ ୱର୍କଫ୍ରଣ୍ଟ ଦୃଷ୍ଟିରୁ ରନ୍‌ବୀର ଆଗାମୀ ଦିନରେ ଆନିମଲ୍ ପାର୍କ, ବ୍ରହ୍ମାସ୍ତ୍ର-୨, ଧୂମ୍-୪, ଅନ୍ଦାଜ ଅପ୍‌ନା ଅପ୍‌ନା-୨, ରାଜକିଶୋର ମେନନ ଓ ଲଭ୍ ରାଜନଙ୍କ ଫିଲ୍ମରେ ନଜର ଆସିବେ। ସେହିପରି ବିକ୍କି କୌଶଲଙ୍କ ହାତରେ ରହିଛି 'ମହାବତାର' ଓ ରାଜକୁମାର ହିରାନୀଙ୍କ ଏକ ଫିଲ୍ମ।



# ଧନୁଷ-କ୍ରିତିଙ୍କ କେମିଷ୍ଟ୍ରି



ବଲିଉଡ୍ ଦର୍ଶକମାନଙ୍କୁ 'ରାଂଝଣା' ପରି କଲ୍ଟ ଫିଲ୍ମ ଉପହାର ଦେଇଥିବା ଅଭିନେତା ଧନୁଷ ଆଉ ଏକ ପ୍ରେମ କାହାଣୀ 'ତେରେ ଇସ୍କ ମେଁ' ନେଇ ଆସୁଛନ୍ତି। ଏଥିରେ ତାଙ୍କ ସହିତ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି କ୍ରିତି ସାନନ। ଏ ଦୁଇ ଜଣଙ୍କ କେମିଷ୍ଟ୍ରି ସକାରାତ୍ମକ ପ୍ରତିକ୍ରିୟା ଦେବ ବୋଲି ଟ୍ରେଲର୍‌କୁ ଦେଖି ଆନୁମାନ କରାଯାଉଥିଲା। ତେବେ ଦୁଇ ଦିନ ତଳେ ଫିଲ୍ମଟି ହିନ୍ଦୀ, ତାମିଲ୍ ଓ ତେଲୁଗୁ ଭାଷାରେ ରିଲିଜ ହୋଇସାରିଛି। ଏ ବର୍ଷଟି ପ୍ରେମ କାହାଣୀ ପାଇଁ ବହୁତ ଖାସ୍ ଥିଲା ଯାହାର ସବୁଠାରୁ ବଡ଼ ପ୍ରମାଣ ହେଉଛି ଫିଲ୍ମ 'ସୈୟାରା'। ଏହା ସହିତ ମେଟ୍ରୋ ଇନ୍ ଦିନୋଁ, ପରମ ସୁନ୍ଦରୀ ଓ ସନି ସଂସ୍କାରୀ କି ତୁଲ୍‌ସୀ କୁମାରୀ ମଧ୍ୟ ବକ୍ସ ଅଫିସ୍‌ରେ ସଫଳତାର ସ୍ୱାଦ ଚାଖିଛନ୍ତି। ମେନ୍‌ଷ୍ଟ୍ରିମ୍ ପ୍ରେମ କାହାଣୀ ମଧ୍ୟରେ ବିଫଳ ହୋଇଛି 'ଧଡ଼କ୍-୨'। ତେଣୁ ଫିଲ୍ମ 'ତେରେ ଇସ୍କ ମେଁ' ଏକ ସଲିଡ୍ ହିଟ୍ ହୋଇପାରେ। ରିଭ୍ୟୁଜ ଓ ଦର୍ଶକମାନଙ୍କର ସମର୍ଥନ ଯଦି ମିଳିଲା ତେବେ ଫିଲ୍ମଟି ଖୁବ୍ ଭଲ ଆୟ ମଧ୍ୟ କରିପାରେ ବୋଲି ଟିମ୍ ଆଶା ରଖିଛି। ତେବେ ୱର୍କଫ୍ରଣ୍ଟ ଦୃଷ୍ଟିରୁ ଧନୁଷ ଆସନ୍ତା ବର୍ଷ ତାମିଲ୍ ଫିଲ୍ମ ଡି-୫୪, କଲାମ୍, ଡି-୫୬, ଇଲାୟାରାଜା ଓ ଏକ ହଲିଉଡ୍ ଫିଲ୍ମରେ ନଜର ଆସିବେ। ସେହିପରି କ୍ରିତିଙ୍କ ହାତରେ ଅଛି କକ୍‌ଟେଲ୍-୨, ନଇ ନଭେଲୀ, ଦୋ ପତ୍ତି, କିଲ୍‌ବିଲ୍ ପରି ପ୍ରୋଜେକ୍ଟ୍ସ।

ଲାଳନ ପାଳନ

# ଅତି ବ୍ୟସ୍ତତା ପିଲାଙ୍କ ପାଇଁ ଭଲ ନୁହେଁ



ପିଲାଙ୍କ ପାଇଁ ଅତି ବ୍ୟସ୍ତ ହୋଇପଡ଼ିବା ଜମା ଭଲ ନୁହେଁ। ପିଲାଟି କାହିଁକି ଭଲ ଖାଉନାହିଁ, ଅଧିକ ନମ୍ବର ରଖୁନାହିଁ, କାହିଁକି ଖେଳ ପ୍ରତି ଅଧିକ ଧ୍ୟାନ ଦେଉଛି। ଏଭଳି ଅନେକ କଥାକୁ ନେଇ ବାପାମାଆମାନେ ବ୍ୟସ୍ତ ହୋଇପଡ଼ିଥାନ୍ତି। ଏସବୁ କଥାକୁ ନେଇ ବ୍ୟସ୍ତ ହେବା କିଛି ଖରାପ କଥା ନୁହେଁ, କିନ୍ତୁ ଅଧିକ ବ୍ୟସ୍ତ ପଡ଼ିବା ନିହାତି ଭାବରେ ଅତି ଖରାପ କଥା। ଅଧିକାଂଶ ବାପାମାଆମାନେ ପିଲାଙ୍କୁ ଖୁବ୍ କମ୍ ବୟସରୁ ସ୍କୁଲ ପଠାଇବା ଓ ତାଙ୍କର ସ୍କୋର୍ ନେଇ ବ୍ୟସ୍ତ ହୋଇଡ଼ିବା ଭଳି ସମସ୍ୟା ଦେଖାଗଲାଣି। ଏହି ସମସ୍ୟା ପିଲାଙ୍କର ନୁହେଁ ବରଂ ଆଜିକାଲି ବାପାମାଆଙ୍କର ବେଶି ଦେଖାଗଲାଣି। ବାପାମାଆମାନେ ଚାହୁଁଛନ୍ତି, ତାଙ୍କ ପିଲା ହିଁ କେବଳ ଶ୍ରେଣୀରେ ପ୍ରଥମ ହେଉ ଓ ଭଲ ନମ୍ବର ରଖି ଭବିଷ୍ୟତରେ ବଡ଼ ମଣିଷ ହେଉ। କେହି ବାପାମାଆମାନେ ପିଲାଙ୍କୁ ଅଧିକ ସ୍ୱାଧୀନତା ଦେବା ସପକ୍ଷରେ ନଥାନ୍ତି। ସ୍କୁଲ, ଟିଉସନ, ହୋମୱାର୍କ ବ୍ୟତୀତ ଅନ୍ୟାନ୍ୟ କାମକୁ ସେମାନେ ଅଧିକ ଗୁରୁତ୍ୱ ଦିଅନ୍ତି ନାହିଁ। ଅଭିଭାବକମାନେ ବୁଝିବା ଦରକାର ପିଲାମାନେ କେବଳ ୩୦% ସେମାନଙ୍କର ଠାରୁ ନୈତିକତା, ଶୈକ୍ଷିକତା ବାବଦରେ ଜ୍ଞାନ ପାଆନ୍ତି, ଅନ୍ୟ ୭୦% ପରିବେଶ, ଶିକ୍ଷାନୁଷ୍ଠାନ, ସାଙ୍ଗସାଥୀ, ସମାଜ ଆଦିରୁ ଆହରଣ କରନ୍ତି। ଯଦି ପିଲାମାନଙ୍କୁ ଆମେ ନିଜ କବ୍ଜା ମଧ୍ୟରେ ରଖିବା, ସେମିତି ଦେଖିବାକୁ ଗଲେ, ଆମେ ପିଲାଙ୍କର ମଙ୍ଗଳ କରୁଛୁ ନା ଅନିଷ୍ଟ କରୁଛୁ, ନିଜେ ସ୍ଥିର କରିବା ଦରକାର। ପିଲାଙ୍କୁ ଆନୁପାତିକ ଭାବରେ ଶିକ୍ଷା ସହିତ ସୃଜନଶୀଳତାକୁ ଗୁରୁତ୍ୱ ଦେଇ ଗଢ଼ିବା ଦରକାର। ପିଲା ପ୍ରତି ଅଧିକ ଧ୍ୟାନ ଦେବା କିମ୍ବା ବ୍ୟସ୍ତ ହୋଇପଡ଼ିବା ମଧ୍ୟ ଆଦୌ ଭଲ ନୁହେଁ।



କ୍ୟାରିୟର

# କର୍ମ ହିଁ ସଫଳତାର ଚାବିକାଠି



ଅନେକ ବିଫଳ ହେଲେ, ଭାଙ୍ଗି ପଡ଼ିଥାନ୍ତି। ଭାବି ନେଇଥାନ୍ତି, ଏ ବିଫଳତା ହିଁ ଜୀବନର ସବୁକିଛି ଛଡ଼େଇ ନେଇଛି। ବାସ୍ତବରେ ଦେଖିବାକୁ ଗଲେ, ଥରେ କି ଦୁଇଥର ନୁହେଁ ବାରମ୍ବାର ଚେଷ୍ଟା କରିବା ଦରକାର, ଯେ ପର୍ଯ୍ୟନ୍ତ ଯାଏ ସଫଳତା ନ ଆସିଛି। ସଫଳତା କାହାକୁ ଥରୁଟିଏ ଚେଷ୍ଟାରେ ମିଳିଯାଏ ତ କାହାକୁ ବାରମ୍ବାର ଚେଷ୍ଟା କରିବାକୁ ପଡୁଥାଏ। ଏଣୁ ସଫଳତା ଆଶା ରଖୁଥିବା ଲୋକ କେବେ ଥରେ ଚେଷ୍ଟା କରି ବସିପଡ଼ିବା ଉଚିତ ନୁହେଁ। ଯେତେଥର ଜଣେ ବିଫଳ ହେଉଥିବ, ସେତେଥର ହିଁ ସେ ନୂଆ ପ୍ରକାର ଅଭିଜ୍ଞତା ହାସଲ କରୁଥିବ। ଫଳରେ ଏହି ଅଭିଜ୍ଞତା ଜୀବନରେ ବଡ଼ ନିର୍ଣ୍ଣାୟକ ଭୂମିକା ନେବ। ବିଫଳତାରୁ ମଣିଷକୁ ଅନେକ କିଛି କଥା ଶିଖିବାକୁ ମିଳିଥାଏ। ଏହା ଯେ ଆମକୁ କ୍ଷତିରେ ପକାଇଛି ନୁହେଁ ବରଂ ଅନେକ କିଛି ଶିଖିବାର ସୁଯୋଗ ସୃଷ୍ଟି କରିଛି। ଏଣୁ ଆମକୁ ମନଧ୍ୟାନ ସହକାରେ ନିଷ୍ଠାପର ଭାବରେ ଥରକୁଥର ଲାଗିବାକୁ ପଡ଼ିବ। ନିଜ ମନୋବଳ ଦୃଢ଼ କରି ନିଜର ଲକ୍ଷ୍ୟପଥରେ ଯାତ୍ରା କରିବାକୁ ପଡ଼ିବ। ସଫଳତାକୁ ଜୀବନର ଲକ୍ଷ୍ୟ ବୋଲି ଭାବି ବାଟ ଚାଲିବାକୁ ପଡ଼ିବ। ଫଳରେ ସଫଳତା ପଛରେ ଆମେ ନୁହେଁ ବରଂ କର୍ମକଲେ ଆମ ପଛରେ ସଫଳତା ହିଁ ଆସିବ।



# ଖାଦ୍ୟ ସୁରକ୍ଷା ଆଇନ

ଯୁଧିଷ୍ଠିର ମହାରଣା








ବର୍ତ୍ତମାନ ବିବାହ ଓ ଭୋଜିଭାତ ଋତୁ ଚାଲିଛି। ବର୍ତ୍ତମାନର ସମୟରେ ନଅ ତିଅଣ ଛଅ ଭଜା ଠାରୁ ଆହୁରି ଲମ୍ବି ଗଲାଣି ଖାଇବା ମେନୁର ତାଲିକା। ଏମିତିରେ ବି ଲୋକମାନଙ୍କ ଖାଦ୍ୟ ରୁଚି ସବୁ ପରିବର୍ତ୍ତନ ହୋଇଗଲାଣି। କହିବାକୁଗଲେ ଦାମୀ, ସୁସ୍ୱାଦୁ ଓ ଆକର୍ଷଣୀୟ ଖାଦ୍ୟ ପଦାର୍ଥ ନକଲେ ଭୋଜିର ମୂଲ୍ୟ ରହିବ ନାହିଁ ବୋଲି ଅନେକ ଲୋକମାନଙ୍କର ଏକ ପ୍ରକାର ଧାରଣା ଥାଏ। କାଁ ଭାଁ କେଉଁଠି ଜଣେ ଭୋଜିରେ ଗାଉଁଲି ଖାଦ୍ୟ ଦେଖିବାକୁ ପାଉଛନ୍ତି। କିନ୍ତୁ ଖାଇବା ଭୋଜି ବ୍ୟବସ୍ଥା ଦିନକୁ ଦିନ ଏତେ ବ୍ୟୟ ବହୁଳ ହେଲାଣି ଯେ ‘ଦେଉଳକୁ ମୁଖଶାଳା ବଳି’ ପରି ସବୁ ଖର୍ଚ୍ଚ ଠାରୁ ଖାଇବା ପିଇବା ଖର୍ଚ୍ଚ ହିଁ ସବୁଠାରୁ ଉଚ୍ଚାରେ ରହୁଛି। ଗଣମାଧ୍ୟମରେ ଆମେ ଅନେକ ସମୟରେ ଦେଖୁଛୁ ଯେ ସୁସ୍ୱାଦୁ ଓ ଆମିଷ ଖାଦ୍ୟ ପାଇଁ ବିବାହ ବା ଅନ୍ୟ ଭୋଜିରେ ନାନାଦି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଗୋଟିଏ ଗୋଟିଏ ପରିବାର ବିବାହ ଭୋଜି ପାଇଁ ଏପରି ଋଣଗ୍ରସ୍ତ ହୋଇଯାଉଛନ୍ତି ଯେ ସେଥିରୁ ଉଠିବା ପାଇଁ ସେମାନଙ୍କୁ ବର୍ଷ ବର୍ଷ ଲାଗି ଯାଉଛି। କିନ୍ତୁ ବଡ଼ ଆଶ୍ଚର୍ଯ୍ୟର କଥା ବର୍ଷ ବର୍ଷ ଧରି ଆମ ଓଡ଼ିଶାରେ ଏକ ବିଧିବଦ୍ଧ ଆଇନ ଥାଇ ମଧ୍ୟ ତାହା କୌଣସି କାର୍ଯ୍ୟରେ ଲାଗୁନି। ଭୋଜିରେ କେତେ ପ୍ରକାର କ’ଣ କ’ଣ ମେନୁ ତାଲିକା ରହିଲା ତାହା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ତଥା କଥିତ ଷ୍ଟାଟସ ସିମ୍ବଲ କହିଲେ ଅତ୍ୟୁକ୍ତି ହେବନାହିଁ।

କୌଣସି ଭୋଜିରେ ଅଥବା ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଣ୍ଟିନ୍, କ୍ଲବ ଆଦିରେ ଜଣେ ବ୍ୟକ୍ତିଙ୍କୁ ଦୁଇ ପ୍ରକାରରୁ ଅଧିକ ତରକାରୀ ପରଷା ଯାଇପାରିବ ନାହିଁ। ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ସରକାରୀ କଳ ବି ମାନୁନାହିଁ । ସରକାର ଚଳାଉଥିବା ବ୍ୟକ୍ତିବିଶେଷ ଓ ଉଚ୍ଚ ପଦାଧିକାରୀମାନେ ନିଜ ନିଜର ପତିଆରା ପାଇଁ ସ୍ଥଳ ବିଶେଷରେ ୨୦ ପ୍ରକାରରୁ ଅଧିକ ବ୍ୟଞ୍ଜନ ପରିବେଷଣ କରାଉଥିଲେ ମଧ୍ୟ ତାହାକୁ ରୋକାଯାଇ ନଥିବାରୁ ସାଧାରଣ ଲୋକଙ୍କ ଉପରେ ଏହି ଆଇନଗତ ବ୍ୟବସ୍ଥାର ସାମାନ୍ୟ ପ୍ରଭାବ ପଡୁନାହିଁ। ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ ଆଧାରରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟ ୧୯୭୨ ମସିହାରେ ଏପରି ଏକ ବ୍ୟବସ୍ଥା ପ୍ରଣୟନ କରିଥିଲେ । ଓଡ଼ିଶା ସରକାର ୧୯୭୩ ମସିହାରେ ‘ଓଡ଼ିଶା ଫୁଡ୍ ରେଷ୍ଟ୍ରିକ୍ସନ ଅନ୍ ସର୍ଭିସ ଅଫ୍ ମିଲ୍ସ ବାଇ କ୍ୟାଟରିଙ୍ଗ୍ ଏଷ୍ଟାବ୍ଲିଶମେଣ୍ଟ ଅର୍ଡର’ ଗେଜେଟ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ। ଏହି ଆଇନଗତ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି ଅଧିକାରୀ କିମ୍ବା ଇନ୍ସପେକ୍ଟର ଓ ତଦୁର୍ଦ୍ଧ୍ୱ ପାହ୍ୟାର କୌଣସି ପୋଲିସ୍ ଅଧିକାରୀ ଦୁଇରୁ ଅଧିକ ବ୍ୟଞ୍ଜନ ପରସା ଯାଉଥିବା ଭୋଜି କ୍ଲବ, ହୋଟେଲ, କ୍ୟାଟରିଙ୍ଗ ସଂସ୍ଥା ଆଦି ଉପରେ ଚଢ଼ାଉକରି ରନ୍ଧା ହୋଇଥିବା ସାମଗ୍ରୀ ଓ ରନ୍ଧନପାତ୍ର ଆଦିକୁ ଜବତ କରିବା ସହିତ ବ୍ୟବସ୍ଥାର ଉଲ୍ଲଙ୍ଘନ କରିଥିବା ବ୍ୟକ୍ତିଙ୍କୁ ଜେରା କରିପାରିବେ। କ୍ରିମିନାଲ ପ୍ରୋସିଡିଓର କୋଡ୍‌ରେ ଥିବା ବିଭିନ୍ନ ଧାରା ଅନୁଯାୟୀ ଖିଲାପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଇନଗତ ବ୍ୟବସ୍ଥା ଅଛି । କେବଳ ଖାଦ୍ୟ ଯୋଗାଣକାରୀ ସଂସ୍ଥା ନୁହନ୍ତି କୌଣସି ବ୍ୟକ୍ତି ଦୁଇରୁ ଅଧିକ ତରକାରୀ ଖାଇବାକୁ ନେଇପାରିବେ ନାହିଁ । ପ୍ରମୁଖ ଖାଦ୍ୟ ହିସାବରେ ଭାତ, ଡାଲି, ଚପାତି, ପରଟା, ପୁରି, ଲୁଚି ଆଦି ସହିତ ମାଛ, ମାଂସ କିମ୍ବା ପରିବାରେ ପ୍ରସ୍ତୁତ ଗୋଟିଏ ତରକାରୀ ଏବଂ ତାହାର ସହଯୋଗୀ ଭାବେ ପରିବା, ଅଣ୍ଡା, ମିଠା ଆଦିରେ ତିଆରି ଆଉ ଗୋଟିକୁ ବ୍ୟବହାର କରିପାରିବେ । ତେବେ ଏହି ତରକାରୀ ବ୍ୟତିତ ସୁପ୍, ବିସ୍କୁଟ, ଜାମ୍, ଜୁସ୍, ଭଜା, ପାମ୍ପଡ଼, ଚଟଣୀ, ଖଟା, ରାଇତା, ପିଆଜ, ଘିଅ, ଲହୁଣି, ଦହି, ଛେନା, ଦୁଗ୍ଧ, କଷ୍ଟାଡ଼ ଆଦି ସେବନ କରାଯାଇ ପାରିବ ।

ଖାଦ୍ୟ କଟକଣା ପାଇଁ ଆଇନରେ ଏହି ବ୍ୟବସ୍ଥା ଥିବାବେଳେ ଏବେ ସମ୍ଭ୍ରାନ୍ତ ଲୋକ ମାନଙ୍କର ବାହାଘର ଭୋଜିରେ ଆଠ ଦଶପ୍ରକାରର ଆମିଷ ଓ ଅନେକ କିସମର ନିରାମିଶ ବ୍ୟଞ୍ଜନ ପରସା ଯାଉଛି । ଯେଉଁମାନେ ଏହାକୁ ଜଗିବା କଥା ସେମାନେ ଭୋଜିଭାତ ଖାଇବା ସଙ୍ଗେ ସଙ୍ଗେ ସେଠାରେ ଅପ୍ୟାୟିତ ହେଉଥିବା ବିଶିଷ୍ଟ ଅତିଥି ମାନଙ୍କ ନିରାପତ୍ତା କଥା ଦେଖୁଛନ୍ତି । ବିଦେଶରୁ ଆସୁଥିବା କୂଟନୈତିକ ଅତିଥି ମାନଙ୍କୁ ଅପ୍ୟାୟିତ କରିବା ଲାଗି ଆୟୋଜିତ ନୈଶ୍ୟଭୋଜି ପାଇଁ ଏହି ଆଇନଗତ କଟକଣା ଲାଗୁନାହିଁ । ଓଡ଼ିଶା ସରକାର ପାଞ୍ଚ ଟଙ୍କାରେ ସହରକୁ ଆସୁଥିବା ଦୂରଦୂରାନ୍ତର ସାଧାରଣ ଲୋକଙ୍କ ପାଇଁ ପାଞ୍ଚ ଟଙ୍କିଆ ଆହାର ଯୋଜନା ପ୍ରଣୟନ କରିଥିଲେ ବି ଏଥିରେ କିନ୍ତୁ ଅବ୍ୟବସ୍ଥା ଦେଖାଯାଉଛି। ଓଡ଼ିଶା ପରି ଅଭାବୀ ଓ ଗରିବ ରାଜ୍ୟରେ ଦିନରେ ଥରେ ଖାଇବାଟିଏର ସକ୍ଷମ ନଥିବା ଅନେକ ଲୋକ ରହିଥିବାବେଳେ ସରକାରଙ୍କ ପ୍ରଣୀତ ବ୍ୟବସ୍ଥିତ ତରକାରୀ ଆଇନ ଅଳିଆଗଦାରେ ପଡ଼ିଛି। ଇଆଡ଼େ ଭୋଜି ପରଦିନ କୁଢ଼ କୁଢ଼ ବଳିଯାଇଥିବା ବା ଅତିଥିମାନେ ଛାଡ଼ିଥିବା ଅଇଁଠା ଖାଦ୍ୟ ଆବର୍ଜନା ପରିବେଶ ସୃଷ୍ଟି ମଧ୍ୟ କରୁଛି। ପରିବେଶ ପ୍ରଦୂଷଣ ହେଉଥିଲେ ବି ସମସ୍ତେ କିନ୍ତୁ ବେଫିକର। କଥା ହେଉଛି ତଥାକଥିତ ବଡ଼ବଡ଼ିଆ ମାନେ ନିଜ ଆତ୍ମସମୀକ୍ଷା ନକଲେ ଇଏ ଏକ ପ୍ରହସନ ହୋଇଯାହା ରହିବ।







**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
**ଦୂରଭାଷ : ୯୪୩୭୧୬୩୫୨୮**

■ ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ଶୀତ ଦିନରେ ଶିଶୁଙ୍କ କାନପଚା ରୋଗ

**ନାରାୟଣ ଚନ୍ଦ୍ର ବିଶ୍ୱାଳ**




ଧୀରେ ଧୀରେ ଶୀତ ଅନୁଭୂତ ହେଲାଣି । ତଥାପି ବାୟୁମଣ୍ଡଳରେ ଧୂଳିକଣାର ପ୍ରଭାବ ରହୁଥିବାରୁ ଶୀତର ପ୍ରକୋପ ଶିଶୁମାନଙ୍କର କାନପଚା ରୋଗର ମୁଖ୍ୟ ବାହକ ହୋଇପାରେ । ଅବଶ୍ୟ ଶିଶୁମାନଙ୍କର କାନପଚା ରୋଗ ଏକ ସାଧାରଣ ରୋଗ ଏବଂ ଏହାକୁ ନେଇ ଅଭିଭାବକମାନେ ବିଶେଷ ଭାବରେ ଚିନ୍ତିତ ହେବା ପ୍ରାସଙ୍ଗିକ ନୁହେଁ । ତେବେ ଗୁରୁତର ପ୍ରସଙ୍ଗ ହେଉଛି ପ୍ରାୟତଃ ପାଞ୍ଚବର୍ଷରୁ କମ୍ ବୟସର ଶିଶୁମାନଙ୍କ କ୍ଷେତ୍ରରେ ଏହା ଅଧିକାଂଶ ଭାବରେ ଦେଖାଯାଏ । ଆମ ଶରୀରରେ କାନ ହେଉଛି ଅନ୍ୟତମ ଅତ୍ୟାବଶ୍ୟକୀୟ ଇନ୍ଦ୍ରିୟ । କେବଳ ଶ୍ରବଣ ଶକ୍ତି ପାଇଁ ନୁହେଁ ଶାରୀରିକ ଭାରସାମ୍ୟରେ ସନ୍ତୁଳନ ରଖିବାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେବେ ଖାମ୍ଖିଆଲି ଭାବରେ ଏହାର ଚିକିତ୍ସାକଲେ ପରବର୍ତ୍ତୀ ସମୟରେ ଶିଶୁଟି ସାରାଜୀବନ ପାଇଁ ଶ୍ରବଣଶକ୍ତି ହରାଇବାର ସମ୍ଭାବନାକୁ ଏଡ଼ାଇଯାଇ ନପାରେ । କାରଣ ଛୋଟ ପିଲାର ଶ୍ରବଣଶକ୍ତି ହିଁ ତା'ର ବୌଦ୍ଧିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଛୋଟ ଛୋଟ ପିଲାମାନେ ପ୍ରାଥମିକ ଅବସ୍ଥାରେ ଖନି ଖନି କଣ୍ଠରେ କଥାବାର୍ତ୍ତା ଆରମ୍ଭ କରୁଥିଲେ ମଧ୍ୟ ଶ୍ରବଣ ଶକ୍ତି ସେମାନଙ୍କର ଶାରୀରିକ ବିକାଶରେ ଯଥେଷ୍ଟ ଅବଦାନ ରଖିଥାଏ ।

ପ୍ରାୟତଃ ଦେଖାଯାଏ ଛୋଟ ଛୋଟ ପିଲାମାନଙ୍କର କର୍ଣ୍ଣନଳୀ








ମଧ୍ୟରେ କୌଣସି କାରଣ ବଶତଃ ସଂକ୍ରମଣଟିଏ ଘଟିଲେ କାନରୁ ପ୍ରାଥମିକ ଅବସ୍ଥାରେ ପାଣିଆ ପୂଜ ଏବଂ ପରବର୍ତ୍ତୀ ସମୟରେ ଗାଢ଼ ପୂଜ (ଦୁର୍ଗନ୍ଧଯୁକ୍ତ ପୂଜ) ନିର୍ଗତ ହୋଇଥାଏ । ଯାହାକୁ ସାଧାରଣରେ କାନପଚା ରୋଗ କୁହାଯାଏ । ସ୍ୱାସ୍ଥ୍ୟଗତ ଦୃଷ୍ଟିକୋଣରୁ ଦେଖାଯାଇଥାଏ ବଡ଼ଲୋକମାନଙ୍କ ଠାରୁ ଛୋଟ ପିଲାମାନଙ୍କର କାନର ଗଠନ ଶୈଳୀ ଭିନ୍ନ ଧରଣର ହୋଇଥିବାରୁ ଏବଂ ସେମାନଙ୍କର ଶରୀର ପ୍ରତିରୋଧକ ଶକ୍ତି ଯଥେଷ୍ଟ କମ୍ ଥିବାରୁ ସ୍ୱାଭାବିକ ଭାବରେ ପିଲାମାନଙ୍କର କାନ ପାଚିଥାଏ । ଜୀବାଣୁ ବା ଭୂତାଣୁମାନେ କର୍ଣ୍ଣନଳୀ ସଂକ୍ରମଣର ମୁଖ୍ୟବାହକ । ଅନେକକ୍ଷେତ୍ରରେ ଦେଖାଯାଏ ସଚେତନତା ଅଭାବରୁ ପ୍ରାୟତଃ ପିଲାମାନଙ୍କର କାନ ଭିତରେ ଅଭିଭାବକମାନେ କୌଣସି ଚଢ଼େଇର ପର, କାଠି, ଡଟ୍‌ପେନ, ଡାଙ୍ଗ, ଦିଆସିଲ କାଠି ଏପରିକି ହାତର ଆଙ୍ଗୁଳି ପୁରାଇ ସଫା କରିବା ଭିତରେ ଅଜାଣତ ଛୋଟିଆ କ୍ଷତଟି ସୃଷ୍ଟି ହୋଇ ସଂକ୍ରାମକ ରୂପ ନେଇଥାଏ । ସେହିପରି ନିୟମିତ ଭାବରେ କାନରୁ ଠିକ୍ ଭାବରେ ମଇଳା ସଫା କରା ନଗଲେ ତାହା କାନପଚିବାର ଅନ୍ୟତମ କାରଣ ହୋଇଥାଏ । ବିଶେଷକରି ଶୀତଦିନରେ ବାୟୁମଣ୍ଡଳରେ ଧୂଳିକଣାର ଭାଗ ଅଧିକ ରହୁଥିବାରୁ ଏହି ଋତୁରେ କାନପଚାରୋଗ ବିଶେଷତଃ ଯନ୍ତ୍ରଣାଦାୟକ ହୋଇଥାଏ । ଅନେକ ସମୟରେ ଦେଖାଯାଏ ପିଲାମାନଙ୍କୁ ବୋତଲରେ କ୍ଷୀର ପିଆଇଲା ବେଳେ କିମ୍ବା ମା'ଶୋଇକରି ପିଲାଟିକୁ କ୍ଷୀର ଖୁଆଇଲାବେଳେ ଅଜଣାତ ଭାବରେ ବୋତଲକ୍ଷୀର ବା ମା'କ୍ଷୀର ଧାର ଧାର ହୋଇ ଶିଶୁଟିର କାନ ଭିତରେ ପଶିଥାଏ । ପରବର୍ତ୍ତୀ ସମୟରେ କ୍ଷୀର ଖାଇସାରିଲା ପରେ ପିଲାଟି ଶୋଇଯାଇଥିବାରୁ ତରଳ ପଦାର୍ଥଟି ଦୀର୍ଘ ସମୟ ପାଇଁ କାନ ଭିତରେ ରହି ଏହା ଦୂଷିତ କରିଥାଏ । ପିଲାମାନଙ୍କର ସ୍ୱଭାବିକ ଥଣ୍ଡାରୋଗ ବା ଶ୍ୱାସରୋଗ ଥିଲେ ଦୀର୍ଘଦିନ ଧରି କାଶ ବା ଛିଙ୍କ ଲାଗିରହିଲେ ଏହା ମଧ୍ୟ ପରୋକ୍ଷରେ କାନରୋଗ ପାଇଁ ବାଟ ଦେଖାଇଥାଏ । ପିଲାମାନଙ୍କୁ ଗାଧୋଇଦେବା ସମୟରେ ଅଭିଭାବକମାନେ ବିଶେଷ ଭାବରେ ସତର୍କ ନହେଉଥିବାରୁ ପିଲାମାନଙ୍କର କାନ ଭିତରେ ପାଣି ପଶିଯାଏ ଯାହାକି କାନ ପାଚିବାର ଅନ୍ୟତମ ମୁଖ୍ୟ କାରଣ । ଗ୍ରାମାଞ୍ଚଳ ଏବଂ ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ଦେଖାଯାଇଥାଏ ଯେ ପିଲାମାନଙ୍କୁ ବେଳେ ସ୍ଥାନୀୟ ପୋଖରୀ, ନଦୀ ବା ଝରଣାରେ ବୁଡ଼ ପକାଇ କେହି କେହି ଗାଧୋଇ ଦେଇଥାଆନ୍ତି । ଏହା ସ୍ୱଭାବିକ ଭାବରେ କାନ ପାଇଁ ଭୟଙ୍କର ବିପଦ ଆଣିଥାଏ । ପିଲାମାନଙ୍କର ଲମ୍ବା ଲମ୍ବା ଚୁଟି ରହିଲେ କେବଳ ଗାଧୋଇବା ପାଣି ବା ବର୍ଷାପାଣି ନୁହେଁ ଏପରିକି ଦେହର ଝାଳ ଚୁଟିବାଟେ କାନ ଭିତରକୁ ପଶିଥାଏ ଯାହାକି ମଧ୍ୟ କାନ ପଚାଇଥାଏ । କାନ ପାଚିଲେ ପିଲାମାନଙ୍କ ଦେହରେ ସ୍ୱଭାବିକ ଭାବରେ ତାପମାତ୍ର ବଢ଼ିଥାଏ । ଅସହ୍ୟ କାନଯନ୍ତ୍ରଣାରେ ପିଲାଟି କାନ୍ଦିଥାଏ ଏବଂ ପାଚିଥିବା କାନକୁ ଟାଣି ଧରିଲେ ତାକୁ ତତ୍କାଳ ଅବଶ୍ୟ ଉପଶମ ଲାଗେ କିନ୍ତୁ ଏହା ଠିକ୍ ନୁହେଁ । କେତେକ ସ୍ଥାନରେ ପିଲାମାନଙ୍କର ଏକାସାଙ୍ଗରେ ଦୁଇଟି କାନ ପାଚିବାର ମଧ୍ୟ ଦେଖାଯାଏ । ଏହା ପିଲାଟି ପାଇଁ ବଡ଼ ଯନ୍ତ୍ରଣା ଦାୟକ ହୋଇଥାଏ ।





ପ୍ରଥମରୁ କହିଛି ଯେ କାନ ପାଚିବା ଏକ ଗୁରୁତର ରୋଗ ନୁହେଁ କିନ୍ତୁ ଏ କ୍ଷେତ୍ରରେ ଚିକିତ୍ସା ଯେତେ ବଡ଼କଥା ନୁହେଁ ସଚେତନ ହେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ପ୍ରଥମ କଥା ହେଉଛି ଶିଶୁରୋଗ ବିଶେଷଜ୍ଞଙ୍କ ମତଲୋଡ଼ି ପିଲାଟିର ଦାୟିତ୍ୱ ନିଅନ୍ତୁ । ପିଲାମାନଙ୍କୁ କୌଣସି ପରିସ୍ଥିତିରେ ପାଣିରେ ବୁଡ଼ାଇ ଗାଧୋଇବା ପଦ୍ଧତି ଅବଲମ୍ବନ କରନ୍ତୁ ନାହିଁ । କେବେ ଯଦି ମୁଣ୍ଡବି ଧୋଇଥାଆନ୍ତି ତେବେ କାନ ଭିତରେ ଯେପରି ପାଣି ନପଶେ ସେଥିପାଇଁ ସତର୍କ ରୁହନ୍ତୁ । ଶୀତଦିନରେ ଧୂଳିକଣାର ପ୍ରକୋପ ରହୁଥିବାରୁ ପିଲାମାନଙ୍କୁ ଖରାପଡ଼ିଲାପରେ ବାହାରକୁ ଛାଡ଼ନ୍ତୁ । କୌଣସି ପରିସ୍ଥିତିରେ ପିଲାମାନଙ୍କ କାନ ସଫା ରଖିବା ପାଇଁ ଡାଙ୍ଗ, କାଠି ବା ଅନ୍ୟ କୌଣସି ଜିନିଷ ନ ପୁରାଇ ବିଶୋଧିତ ତୁଳା ଦ୍ୱାରା ନିର୍ଦ୍ଦିଷ୍ଟ ଭାବରେ ରହିଥିବା କାନସଫା କାଠିଦ୍ୱାରା କାନସଫା କରିପାରିବେ । ଶ୍ରେଣୀରେ ବା ବାହାରେ ପିଲାମାନେ କୌଣସି କାଠି ପୁରାଇ କାନ ନ କୁଣ୍ଡେଇବାର ଅଭ୍ୟାସ ପିଲାବେଳୁ ହିଁ ତାକୁ ଶିଖାନ୍ତୁ । ପରବର୍ତ୍ତୀ ସମୟରେ ଏହା ଖୁବ୍ ଭଲ ଅଭ୍ୟାସରେ ପରିଣତ ହୋଇପାରିବ । ନିଜକୁ ନିଜେ ଚିକିତ୍ସକ ଭାବି କାନରେ କୌଣସି ତେଲ ପକାନ୍ତୁ ନାହିଁ । ଯାହାବିହେଲେ କର୍ଣ୍ଣ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ନ୍ତୁ । ପିଲାମାନଙ୍କ ବଡ଼ଚୁଟି ରଖନ୍ତୁ ନାହିଁ । ସେମାନଙ୍କୁ ଅଧିକ ଥଣ୍ଡା, କୋଲଡ୍ରିଙ୍ଗସ, ଚକୋଲେଟ ଆଦି ଦେବାରୁ ନିରୁତ୍ସାହିତ ହୁଅନ୍ତୁ । ଛୋଟ ପିଲାମାନଙ୍କୁ କ୍ଷୀର ଖୋଇଲାବେଳେ ମା'ମାନେ ଯତ୍ନବାନ ହୁଅନ୍ତୁ ଯେପରି ତା'ର କାନରେ କ୍ଷୀରଟି ନପଶେ । ପିଲାଙ୍କୁ ମାଡ଼ ମାରିଲାବେଳେ କାନରେ ଯେପରି କୌଣସି ଆଘାତ ନହୁଏ ସେଥିପ୍ରତି ସଚେତନ ରୁହନ୍ତୁ । କାନରୁ ପାଣି ବୋହିବା ମାତ୍ରେ ତୁରନ୍ତ ବିଶୋଧିତ ତୁଳାରେ ସଫା କରନ୍ତୁ । ପିଲାମାନଙ୍କୁ ଶୋଇଲାବେଳେ ବା ସେମାନେ ମୁକ୍ତ ଥିଲାବେଳେ କୌଣସି ଆଧାତ୍ମିକ ସଙ୍ଗୀତ ବା ପ୍ରେରଣାଧର୍ମୀ ନାମାବଳୀ ତାଙ୍କ କାନରେ ଯେପରି ପଡ଼େ ସେଥିପ୍ରତି ସଚେତନ ରୁହନ୍ତୁ । ମନେରଖନ୍ତୁ ପିଲାଟି ହେଉଛି ଆସନ୍ତା କାଲିର ଭବିଷ୍ୟତ । ତା'ର ସାମାନ୍ୟ ଅବହେଳା ପରବର୍ତ୍ତୀ ସମୟ ପାଇଁ ଯନ୍ତ୍ରଣାଦାୟକ ଓ ଭୟଙ୍କର ହୋଇପାରେ । କୌଣସି କ୍ଷେତ୍ରରେ ଧୈର୍ଯ୍ୟହରା ହୁଅନ୍ତୁ ନାହିଁ । ସଦାସର୍ବଦା ଭଗବାନଙ୍କ ନାମ ସ୍ମରଣ କରନ୍ତୁ । ପିଲାଟିକୁ ବି ସେଇପଥରେ ନେବା ପାଇଁ ରାସ୍ତା ଦେଖାନ୍ତୁ । ଦେଖିବେ ସବୁଠିକ୍ ହୋଇଯିବ ।

**ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,**
**ଦୂରଭାଷ : ୯୪୩୮୨୭୬୭୬୦**

ମହକ

# ଅଗ୍ରଣୀ ସାମାଜିକ ସଙ୍ଗଠନ : ଆମ ମାହାଙ୍ଗା



ସମାଜ ବିକାଶରେ ସାମାଜିକ ସଙ୍ଗଠନ ବା ସାମାଜିକ ଅନୁଷ୍ଠାନ ଆଉ ମହତ୍ ଉଦାରପ୍ରାଣ ମନୁଷ୍ୟ ମାନଙ୍କର ଆବଶ୍ୟକତା ରହିଛି। ସମାଜ ପ୍ରତି ଆମ ଦାୟିତ୍ୱ, କର୍ତ୍ତବ୍ୟବୋଧ, ତ୍ୟାଗ, ସୃଜନଶୀଳତା, ନିଃସ୍ୱାର୍ଥପର ସେବା, ତ୍ୟାଗ ଆଦି ଅତି ମାନନୀୟ ଶକ୍ତିର ଆବଶ୍ୟକତାକୁ ସଠିକ୍ ଭାବେ ଧ୍ୟାନ ଦେବା ଜରୁରୀ। ସାମାଜିକ ପ୍ରାଣୀ ଭାବେ ଆଜିର ବିକଶିତ ମାନବର ଯୁଗରେ ଆମକୁ ଅଧିକରୁ ଅଧିକ କ୍ରିୟାଶୀଳ ହୋଇ ଦେଶ ଗଠନ ପାଇଁ କର୍ତ୍ତବ୍ୟ କରିବାକୁ ହେବ ଆମ ଆଚରଣ ଉଚ୍ଚାରଣ ସିଦ୍ଧ ହେବାକୁ ପଡ଼ିବ। ଭଲ ମଣିଷ ସବୁଠି ପୂଜା ପାଏ ଆଉ ସବୁଠି ସେ ଆଦରଣୀୟ। ଆଜି ଆମ ଗହଣରେ ସେହି ବରେଣ୍ୟ ମହାପୁରୁଷ ବା ଯୁଗ ପୁରୁଷବର୍ଗ ନାହାଁନ୍ତି କିନ୍ତୁ ତାଙ୍କ ସ୍ମୃତି, କଥା, ଗାଥା, କୃତି, ଗୌରବମୟ ସମୁଜ୍ଜ୍ୱଳ ଇତିହାସ ଓ କୀର୍ତ୍ତି ସବୁ ଉଦାହରଣୀୟ ଓ ପ୍ରେରଣାଦାୟୀ। ମନୁଷ୍ୟ ସହିତ ମନୁଷ୍ୟର ପାରସ୍ପରିକ ଅନ୍ତଃସଂପର୍କ ଯୋଗୁ ସମାଜ ସୃଷ୍ଟି ହୋଇଛି। ଏକ ଶବ୍ଦରେ କହିବାକୁ ଗଲେ ପରିବାର, ସମ୍ପ୍ରଦାୟ, ସାମାଜିକ ଦାନ, ସାମାଜିକ ଭୂମିକା, ସଂପର୍କ, ସ୍ନେହ, ଶ୍ରଦ୍ଧା, ଆନ୍ତରିକତା, ସମ୍ମାନ ଆଉ ତ୍ୟାଗର ମୂଲ୍ୟବୋଧ ଏସବୁ ସହଚର ବା ସମାଜର ମୁଖ୍ୟାଂଶ ଏହାର ବ୍ୟତିରେକେ ସମାଜ ଆଉ ସାମାଜିକ ବ୍ୟବସ୍ଥା ଅଧୁରା। ସାମାଜିକ ସମ୍ପର୍କ ଦୁଇ ଗୋଟି ଦୃଷ୍ଟିକୋଣ ଉପରେ ଆଧାରିତ ଯଥା ପ୍ରତୀକାତ୍ମକ ଓ ସଂରଚନାତ୍ମକ। ପରିବାରରେ ଯଦି ପିଲାମାନଙ୍କୁ ଜାତୀୟତା, ସେବା, ପରୋପକାର ଆଦି ଉପରେ ଶିକ୍ଷା ମିଳେ ତେବେ ସେହିଠାରୁ ହିଁ ସମାଜସେବାର ଅୟମାରମ୍ଭ। ସଂଗଠିତ ନିଃସ୍ୱାର୍ଥପର ତ୍ୟାଗ ଭାବନା, ସତ୍କର୍ମ ସାମାଜିକ ସଂଗଠନ ବା ସୋସିଆଲ ସର୍ଭିସ ଅର୍ଗାନାଇଜେସନର ମୂଳମନ୍ତ୍ର। ସେହିଭଳି ଏହି ମହାନ୍ ଭାବନାରେ ଗଢ଼ି ଉଠିଛି ଆମ କଟକ ଜିଲ୍ଲା ମାହାଙ୍ଗାଠାରେ କିଛି ଉଦୀୟମାନ ସମୋଭାବାପର୍ଣ୍ଣ ଯୁବପୀଢ଼ି ମାନଙ୍କରୁ ନେଇ ଏକ ଅଗ୍ରଣୀ ସାମାଜିକ ସଂଗଠନ 'ଆମ ମାହାଙ୍ଗା'। ଏହି ସଙ୍ଗଠନର ଜନ୍ମ ୨୦୧୨ ମସିହାରେ। ଏହା ଅନେକ ସେବାକାର୍ଯ୍ୟ କରି ଆମ ମା' ମାଟିର ଅନବଦ୍ୟ ଅନୁପମ ସ୍ୱର ଓ ସ୍ୱାକ୍ଷରକୁ ସଦା ଉଜ୍ଜୀବିତ କରାଇବାର ଦୃଢ଼ ସଂକଳ୍ପ ନେଉଛି। ଆମ ମାହାଙ୍ଗାର ଲକ୍ଷ୍ୟ ଉଦ୍ଦେଶ୍ୟ ଲୋକଙ୍କ ସେବା, ସାହିତ୍ୟ ସେବା, ପୂଜ୍ୟପୂଜା, ଶିକ୍ଷାର ବିକାଶ, ମାହାଙ୍ଗାରେ ଏକତା ଓ ଅଖଣ୍ଡତା ବଜାୟ ରଖିବା, ସମାଜରେ ସକାରାତ୍ମକ ଭାବନା, ଶୃଙ୍ଖଳିତ ଭାବନା, ଶୋଭନୀୟତା ଆଦି ମହାଭାରତୀୟ ଚିନ୍ତା ଚେତନା ଉପରେ ଆଧାରିତ ବା ଦଣ୍ଡାୟମାନ। ଆଜି ଅନେକ ମହତ୍ କାର୍ଯ୍ୟ କରି ଚାଲିଛି ଏହି ସଂଗଠନ ଯାହାର କଳନା ନାହିଁ କି ତୁଳନା ନାହିଁ। ଆମ ମାହାଙ୍ଗା ପକ୍ଷରୁ କ୍ଲିନ୍ ମାହାଙ୍ଗା, ଗ୍ରୀନ୍ ମାହାଙ୍ଗା, ଡିଜିଟାଲ୍ ମାହାଙ୍ଗା, କଲଚୁରାଲ୍ ମାହାଙ୍ଗା ଭଳି ଅତି ମହତ୍ ବା ବିଶାଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରଖି ଗ୍ରାମ ଉନ୍ନତି ଓ ପରିବେଶ ସୁରକ୍ଷା ପାଇଁ ସଫଳ କାର୍ଯ୍ୟ କରାଯାଉଛି। ରକ୍ତଦାନ ଶିବିର, ଗାଁ ସଫା ଅଭିଯାନ, ପାଠାଗାର ଉନ୍ନତି, ମନ୍ଦିର ଓ ମସଜିଦ ସଫାଇ ଯୋଗୁ ଜନସଚେତନତା ତିଆରି କରିବାରେ ଏହା ଏକ ଅଗ୍ରଣୀ ସଙ୍ଗଠନ। ଆମ ମାହାଙ୍ଗା ପକ୍ଷରୁ ଶତାବ୍ଦୀର ଶ୍ରେଷ୍ଠ ଆହ୍ୱାନ ଥିଲା ଗାନ୍ଧୀଜୀଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ଅବସରରେ "ପଞ୍ଚ ଏସ" (ଫାଇଭ ଏସ୍) ସ୍ୱଚ୍ଛ, ସବୁଜ, ସଂସ୍କୃତି, ସ୍ୱାଭିମାନ ଓ ସ୍ୱାବଲମ୍ବୀ ଉପରେ ଆଧାରିତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇ କଟକ ନିଶ୍ଚିନ୍ତକୋଇଲି ପଣସ ପଡ଼ିଆ ଠାରୁ ମାହାଙ୍ଗା କଇଥା ପର୍ଯ୍ୟନ୍ତ ଯାଇଥିଲା,ଏହି ଅଭିଯାନ ଯୁବପିଢ଼ି ମଧ୍ୟରେ ଅପାର ଉତ୍ସାହ ସୃଷ୍ଟି କରିଥିଲା। ଅନୁଷ୍ଠାନ ପାଇଁ କାର୍ଯ୍ୟକର୍ତ୍ତା ବର୍ଗ ସ୍ଥାନୀୟ ସଚେତନ ନାଗରିକ ଆଦି ଅନେକ ତ୍ୟାଗ ସ୍ୱୀକାର କରିଛନ୍ତି ଯାହାକି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ସଂଭ୍ରାନ୍ତ ରକ୍ତତୀର୍ଥ ମାହାଙ୍ଗା ଇତିହାସରେ। ଏହି ସଂଗଠନର ନେପଥ୍ୟରେ ନିଜର ସାଧନା ଜାରିରଖି ତଥା ସଂଗଠନର ଉନ୍ନତି ଦିଗରେ ଅହରହ କାର୍ଯ୍ୟରତ ବହୁମୁଖୀ ପ୍ରତିଭା, ବିଶିଷ୍ଟ ସମାଜସେବୀ, ଗବେଷକ, ଉଚ୍ଚଶିକ୍ଷିତ, ପରିବେଶବିତ୍, ଦକ୍ଷ ସଂଗଠକ ଆମ ମାହାଙ୍ଗା ଅଧ୍ୟକ୍ଷ ଡକ୍ଟର ଅମରେନ୍ଦ୍ର ମହାନ୍ତି ମହୋଦୟ। ଡକ୍ଟର ଅମରେନ୍ଦ୍ର ମାହାଙ୍ଗା ବ୍ଲକ ଉପକଣ୍ଠ ନାହଙ୍ଗ ନିବାସୀ ଅଟନ୍ତି। ସେ ଏକା ଧାରରେ ଜଣେ ଶାନ୍ତ, ସରଳ, ଧୃଢ଼ମନା, ସଂସ୍କାରୀ, ନୀତିନିଷ୍ଠ ଶିକ୍ଷାବିତ୍, ଲେଖକ, ଗବେଷକ ଓ ସ୍ପଷ୍ଟବାଦୀ ଅନନ୍ୟ ବ୍ୟକ୍ତିତ୍ୱ। ବରେଣ୍ୟ ସ୍ରଷ୍ଟା ମାନବବାଦୀ ଶ୍ରୀଯୁକ୍ତ ମହାନ୍ତିଙ୍କ ସାରସ୍ୱତ ସାଧନାର ଅମୃତ ଫଳ ଆମ ଅମୀୟ ବାରିଧାରା ହେଉଛି ସେହି ବରେଣ୍ୟ ଅନୁଷ୍ଠାନ ଆମ ମାହାଙ୍ଗା। ସେହି ଅଧ୍ୟକ୍ଷ ଜଣକ ଯେକି ଗ୍ରାମାଞ୍ଚଳ କୁନିକୁନି ପିଲାଙ୍କ ପାଦରେ ଘୁଙ୍ଗୁର ବାନ୍ଧି ନଚେଇବା ଶିଖାଇଛନ୍ତି, ସେହି କୁନିକୁନି କୋମଳମତୀ ଶିଶୁ ପ୍ରତିଭା ଯେକି ଆଜିର ଶିଶୁ କାଲିର ନାଗରିକ ସେହିମାନଙ୍କ ମନରେ ପ୍ରେରଣା ଯୋଗାଇବା ସହ ସେମାନଙ୍କୁ ନିଜର ପ୍ରତିଭା ପରିଚୟ ଦେବାର ସୁଯୋଗ ଦେଇଛନ୍ତି, ମାହାଙ୍ଗା ମାଟିରେ ବହୁ ସଙ୍ଗଠନର ବିକାଶ ଦିଗରେ ଅନେକ ସାଧନା କରିଛନ୍ତି, କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ସୁରକ୍ଷା ପାଇଁ ଅବିରତ ସଂଗ୍ରାମ କରିଛନ୍ତି, ପରିବେଶ ସୁରକ୍ଷା ସହ ସବୁଜ ସୁସ୍ଥ ସ୍ୱଚ୍ଛ ମାହାଙ୍ଗା, ଯୁବ ପିଢ଼ିକୁ ସଚେତନ କରାଇବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ଦିଗରେ ପ୍ରଚେଷ୍ଟା ଆଦି ଅନେକ ଜନହିତକର କାର୍ଯ୍ୟରେ ଦୁଇ ଦଶନ୍ଧି ଧରି କାର୍ଯ୍ୟରତ ଏବଂ ସଫଳ ମଧ୍ୟ। ଆଜିର ଯୁବପିଢ଼ି ପାଇଁ ଡକ୍ଟର ଅମରେନ୍ଦ୍ର ଏକ ପ୍ରେରଣା ଓ ଆଶାର ଆଲୋକ ତଥା ନବ ଚେତନାର ପ୍ରତୀକ। ସେ ଜଣେ ଉଚ୍ଚଶିକ୍ଷିତ ସାରସ୍ୱତ ସାଧକ ରାଷ୍ଟ୍ରଭକ୍ତ, ଜନନେତା, ଜାତୀୟତାବାଦୀ, ସମାଜ ସଂସ୍କାରକ, ଜଣେ ମହାନ୍ ଓଡିଆ, ଓଡ଼ିଶାର ମେଧା ପତାକାକୁ ବିଶ୍ୱାକାଶରେ ଉଡ୍ଡୀୟାନ କରିଥିବା ବହୁମୁଖି ପ୍ରତିଭାଦୀପ୍ତ ବଳିଷ୍ଠ ବ୍ୟକ୍ତିତ୍ୱ ତଥା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ପ୍ରାଣ। ଆମ ମାହାଙ୍ଗା ସଂଗଠନର ପରିଚୟ ନାହିଁ ଏହାର କର୍ମ ହିଁ ତାଙ୍କ ପରିଚୟ। ଆମ ମାହାଙ୍ଗା ଏକ ଅନୁଷ୍ଠାନ,ଏକ ଆନ୍ଦୋଳନ,ଏକ ଜନଚେତନା, ସଦାବସନ୍ତ ପରି ଋତୁରାଜ, ଆଧ୍ୟାତ୍ମିକ ଭାବଧାରା ବିଜଡ଼ିତ ସଙ୍ଗଠନ, ଜନାଦୃତ ତଥା ଆଦର୍ଶ ସଙ୍ଗଠନ ଯାହାର ବିକଳ୍ପ ନାହିଁ।












ମହାପୁରୁଷଙ୍କ ଜୀବନୀ ପାଠ ତାଙ୍କ ଉପାସନା ଓ ଧାର୍ମିକ ସମ୍ମିଳନରେ ମଧ୍ୟ ଅଗ୍ରଗାମୀ ଦୂତ ଭାବେ "ଅଚ୍ୟୁତ ଠୁ ଅରକ୍ଷିତ" ଅର୍ଥାତ୍ ନେମାଳ ଠାରୁ ଲଳିତଗିରି ପର୍ଯ୍ୟନ୍ତ ଶୋଭାଯାତ୍ରା ଆୟୋଜିତ ହୋଇ ଧାର୍ମିକ ସହଯୋଗ ଓ ଐକ୍ୟର ଅପୂର୍ବ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ସଂଗଠନ ଆମ ସମୟର ଶଙ୍ଖନାଦ, ତୁର୍ଯ୍ୟନାଦ, ସିଂହନାଦ ଆଉ ଯୁଗସୂର୍ଯ୍ୟ। ଲୋକଙ୍କ ସେବାରେ ଆମ ମାହାଙ୍ଗା ଉତ୍ସର୍ଗୀକୃତ। ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ସହ ଲୋକଙ୍କ ଉନ୍ନତିରେ ସଂଗଠନର କାର୍ଯ୍ୟଧାରା ସର୍ବଦା ପ୍ରେରଣାର ଉତ୍ସ। ଆମ ମାହାଙ୍ଗା ସଙ୍ଗଠନର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ରକ୍ତଦାନ ମହାସେବା, ସ୍ୱାସ୍ଥ୍ୟ ସେବା ଶିବିର ଓ ଜନସଚେତନତାର ମହନୀୟ ବାର୍ତ୍ତା ଏକ ବଳିଷ୍ଠ ଯୁଗାନ୍ତକାରୀ ପଦକ୍ଷେପ ଯାହାର ବିକଳ୍ପ ନାହିଁ। ଏହି ସଂଗଠନ ପକ୍ଷରୁ ମିଳିଥିବା ସାହାଯ୍ୟ, ସହଯୋଗ, ପ୍ରେରଣା, ଉପଦେଶ, ଉପକାର, ଆନ୍ତରିକତା, ସ୍ନେହ, ଶ୍ରଦ୍ଧା, ଆଦର ଜୀବନବ୍ୟାପୀ ଅଭୁଲା ରହିବ ସମଗ୍ର ମାହାଙ୍ଗା ମାଟି ପାଇଁ। ଏହି ବିଶାଳ ଅନୁଷ୍ଠାନ ଆମ ମାହାଙ୍ଗାର ଦୀର୍ଘ ଜୀବନ କାମନା କରୁଛୁ।

---


ଏହି ସପ୍ତାହ, ସେହି ବର୍ଷ (ନଭେମ୍ବର ୩୦ - ଡିସେମ୍ବର ୬)

## ଏଇ ସପ୍ତାହ

ନଭେମ୍ବର ୩୦, ୧୯୬୫- କେ.ଶଙ୍କର ପିଲ୍ଲାଇ ଦିଲ୍ଲୀ ଠାରେ କଣ୍ଢେଇ ସଂଗ୍ରହାଳୟ ସ୍ଥାପନା କରିଥିଲେ।



ଡିସେମ୍ବର ୧, ୧୯୯୧-ଏଡ୍ସ ସଚେତନତା ଦିବସର ଆରମ୍ଭ ହୋଇଥିଲା।




ଡିସେମ୍ବର ୨, ୧୯୮୮- ବେନଜୀର ଭୁଟ୍ଟୋ ପାକିସ୍ତାନର ପ୍ରଧାନମନ୍ତ୍ରୀ ପଦ ସମ୍ଭାଳିଥିଲେ।



ଡିସେମ୍ବର ୩, ୧୯୯୪- ତାଇୱାନରେ ପ୍ରଥମ ସ୍ୱତନ୍ତ୍ର ସ୍ଥାନୀୟ ନିର୍ବାଚନ ସମ୍ପନ୍ନ ହୋଇଥିଲା।




ଡିସେମ୍ବର ୪, ୧୮୨୯- ଭାଇସ୍‌ରାୟ ଲର୍ଡ ୱିଲିୟମ୍ ବେଣ୍ଟିକ୍ ୧୮୨୯ରେ ସତୀ ପ୍ରଥା ସମାପ୍ତ କରିଥିଲେ।



ଡିସେମ୍ବର ୫, ୧୯୪୬- ଭାରତରେ ହୋମ୍‌ଗାର୍ଡ ସଂଗଠନର ସ୍ଥାପନା ହୋଇଥିଲା।



ଡିସେମ୍ବର ୬, ୧୯୫୮- ଇଟାଲୀରେ ବିଶ୍ୱର ସବୁଠାରୁ ଲମ୍ବା ଓ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସୁଡ଼ଙ୍ଗ ତିଆରି ହେବା କାମ ଆରମ୍ଭ ହୋଇଥିଲା।





# ମହାପ୍ରଭୁଙ୍କ ଲୀଳା ମାହାତ୍ମ୍ୟ ବାଇଶି ପାହାଚେ ...

**ପୁଷ୍ପମିତ୍ର ମହାପାତ୍ର**

'ମାଠିଆରେ ପାଣି ଡାବୁ ଡାବୁ, ମାଠିଆରେ ପାଣି ଡାବୁ ଡାବୁ, କୋଉ ଦିନ ମୋତେ ପୁରୀ କି ନେବୁରେ ପୁରୀକୁ ନେବୁ ପୁରୀ କୁ ନେବୁ, ବାଇଶି ପାହାଚେ ଗଡ଼େଇ ଦେବୁ...'। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କ 'ବାଇଶି ପାହାଚ' ଶୀର୍ଷକ ସଂଗୀତଟି ପ୍ରତିଟି ଜଗନ୍ନାଥପ୍ରେମୀଙ୍କ ତନ୍ମନକୁ ପୁଲକିତ, ସିଂହରିତ କରିଥାଏ। ଶ୍ରୀଜଗନ୍ନାଥଙ୍କ ଭକ୍ତମାନସରେ ପୁରୀ ମନ୍ଦିରରେ ଥିବା ବାଇଶି ପାହାଚ ମଧ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କିଛି। ସେଇ ପଥର ପାହାଚଗୁଡ଼ାକ ଚଢ଼ି ମନ୍ଦିରକୁ ଯିବାବେଳେ ଠାକୁରଙ୍କ ପ୍ରତି ସତେ ଅବା ଆର୍ଦ୍ର ହେବାକୁ ଆରମ୍ଭ କରେ ଭକ୍ତମାନଙ୍କ ମନ। ମନ୍ଦିର ଯାତ୍ରାବେଳେ ଭକ୍ତମାନେ ବାଇଶି ପାହାଚ ହାତରେ ସ୍ପର୍ଶକରି ମଥାରେ ଲଗାନ୍ତି। ଲାଗେ ହୃଦୟ ଭିତରେ ଥିବା ଅନେକ କଷ୍ଟ, ଅନେକ କୋହ, ଅନେକ ଯନ୍ତ୍ରଣା, ଅଭାବ, ନୈରାଶ୍ୟ, ହା ହୁତାଶ, ଆତ୍ମଗ୍ଲାନି ସବୁକିଛି ଯେପରି ସେଇଠି ହିଁ ଓଜାଡ଼ି ଦେବା ମହାପ୍ରଭୁଙ୍କୁ ପ୍ରାର୍ଥନା ପୂର୍ବକ। ସିଂହଦ୍ୱାର ସଂଲଗ୍ନରେ ଥିବା ମୁଖଶାଳା ଅତିକ୍ରମ କଲେ ଆଗରେ ପଡ଼େ ଗୋଟାଏ ସୋପାନ ଶ୍ରେଣୀ - ଲମ୍ବା, ଅନୁଜ, କିନ୍ତୁ ମସୃଣ। ଏଗୁଡ଼ିକ ମୁଖଶାଳାର ପଶ୍ଚାତରୁ ଆରମ୍ଭ ହୋଇ ଉପରକୁ ଉପରକୁ ଉଠି ସ୍ପର୍ଶ କରିଛି କୁର୍ମବେଢ଼ା ଦ୍ୱାର। ମୁଖଶାଳା ଓ କୁର୍ମବେଢ଼ା ମଧ୍ୟରେ ରହିଛି ମାତ୍ର ୨୦ଟି ପାହାଚ; ତେବେ ସୋପାନ ଶ୍ରେଣୀର ଶେଷ ଆଡ଼କୁ ଡାହାଣ ପଟେ ଉତ୍ତର ଦିଗରେ ଆନନ୍ଦବଜାର ପ୍ରବେଶ ପଥରେ ରହିଛି ଆଉ ଦୁଇଟି ପାହାଚ। ଏ ଦୁଇଟି ପାହାଚ ଆରମ୍ଭ ହୋଇଛି ଅଷ୍ଟାଦଶ ସୋପାନରୁ ଏବଂ ପ୍ରସରିଛି ଉତ୍ତରକୁ ଆନନ୍ଦବଜାରର ଦ୍ୱାର ଯାଏଁ। ଏଇ ଦ୍ୱାରର ଦୁଇ ପାର୍ଶ୍ୱରେ ଶୋଭାପାଉଛି ଖୁବ୍ ପ୍ରକାଣ୍ଡକାୟ ଦୁଇଟି ସିଂହ ଭାସ୍କର୍ଯ୍ୟ ପ୍ରାୟ ୧୦ଫୁଟ ଲମ୍ବା ଓ ୮ଫୁଟ ଉଚ୍ଚତା ବିଶିଷ୍ଟ।

ଶ୍ରୀକ୍ଷେତ୍ରର ଐତିହ୍ୟ, ଧର୍ମଚେତନା ଓ ପରମ୍ପରା ସହିତ ଏହି ବାଇଶି ପାହାଚର ଭୂମିକା ଅତିବ ଭାବପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱାସ ରହିଛି ଏଇଟି ହିଁ ଅଷ୍ଟବୈକୁଣ୍ଠ, ପିତୃଲୋକ, ବ୍ରହ୍ମଲୋକ ଓ ଧ୍ରୁବଲୋକ, ଅନ୍ନଦାନ, ପିଣ୍ଡଦାନ ଓ ବସ୍ତ୍ରଦାନର ମହାପୁଣ୍ୟ କ୍ଷେତ୍ର ହେଉଛି ଏହି ବାଇଶି ପାହାଚ। ଏହା କେବଳ ପଥରରେ ତିଆରି ସାଧାରଣ ପାହାଚ ନୁହଁ ବରଂ ଏଥିରେ ରହିଛି ଅନେକ ଗୂଢ଼ ତତ୍ତ୍ୱ। ଏହି ଅଷ୍ଟବୈକୁଣ୍ଠର ଲୋକ ମହାତ୍ମ୍ୟ ଏହିପରି ଯେ ନିତ୍ୟସ୍ଥଳୀ ଏହି ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରଭୁ ନିତ୍ୟଲୋକରୁ ଭୂଲୋକକୁ ଓହ୍ଲାଇ ଆସନ୍ତି ଏହି ବାଇଶି ପାହାଚ ଦେଇ।

ବାଇଶିଟି ଯାକ ପାହାଚର ଆୟତନ ଏକା ପ୍ରକାରର ନୁହେଁ। ସମସ୍ତ ସୋପାନ ଅବଶ୍ୟ ବଉଳମାଳ ବା କୁଣ୍ଡାପଥରରେ ନିର୍ମିତ ଏବଂ ଅଧିକାଂଶର ପ୍ରସ୍ଥ ପାଞ୍ଚ ଫୁଟ। ପାହାଚଗୁଡ଼ିକର ଉଚ୍ଚତା ମାତ୍ର ଛଅରୁ ସାତ ଇଞ୍ଚ ଏବଂ ଲମ୍ବା ପ୍ରାୟ ୪୦ଫୁଟ। ସୋପାନ ଶ୍ରେଣୀର ଉତ୍ତର ଓ ଦକ୍ଷିଣ ପଟେ ମଧ ରହିଛି ପାଚେରୀ। ତେବେ ଦୁଇ ପଟର ଏହି ପାଚେରୀ ଠିକ୍ ପାଚେରୀ ପରି ପ୍ରତୀୟମାନ ହେଉନି କାରଣ ମନ୍ଦିର ଚଟାଣର ସମତଳ ସହ ଏହା ମିଶି ଯାଇଛି। ଉପରେ ରହିଛି ଦୁଇଧାଡ଼ି ମିଷ୍ଟାନ୍ନ ତିଆରି ସରଘର ସୋପାନ ଶ୍ରେଣୀର ଅଷ୍ଟାଦଶ ପାହାଚଟି ସବୁଠାରୁ ଓସାରିଆ; ଯାର ପ୍ରସ୍ଥ ପ୍ରାୟ ୧୫ଫୁଟ। ୧୯ ଓ ୨୦ ତମ ପାହାଚ ଦୁଇଟି ଅର୍ଦ୍ଧ ଗୋଲାକୃତି। ଏ ଦ୍ୱୟ



କାରୁକାର୍ଯ୍ୟ ମଣ୍ଡିତ କୁର୍ମବେଢ଼ା ଦ୍ୱାରକୁ ସ୍ପର୍ଶ କରି ରହିଛି। ଆନନ୍ଦବଜାରର ପ୍ରବେଶ ପଥରେ ଥିବା ପାହାଚ ଦୁଇଟି ମଧ ପ୍ରସ୍ଥରେ ପ୍ରାୟ ୧୦ଫୁଟ। ବାଇଶି ପାହାଚ ଦେଇ ମନ୍ଦିରକୁ ଉଠିଲାବେଳେ ତୃତୀୟ ପାହାଚର ଦକ୍ଷିଣ ପାର୍ଶ୍ୱରେ ରହିଛି ଗୋଟିଏ ଅନୁଚ୍ଚ ମନ୍ଦିର ଯାହା କାଶୀ ବିଶ୍ୱନାଥ ଦେବାଳୟ ରୂପେ ପରିଚିତ। ଏଇ ଉପାସନା ପୀଠକୁ ଲାଗି ଅନ୍ୟ ଏକ ଅନୁଚ୍ଚ ମନ୍ଦିର ରହିଛି ଏଠାରେ ରାମ ଓ ସୀତା ପୂଜା ପାଆନ୍ତି। କେତେକ ବିଦ୍ୱାନ ବାଇଶି ପାହାଚର ମହତ୍ତ୍ୱ ପ୍ରତିବାଦିତ କରିବାକୁ ଯାଇ କିଛି ତତ୍ତ୍ୱ ବଖାଣନ୍ତି। ସେମାନଙ୍କ ମତରେ ଦେବତାଙ୍କୁ ପାଇବା ପଥରେ ମାନବ ୨୨ ପ୍ରକାରର ଦୋଷ ଦୁର୍ବଳତା ଅତିକ୍ରମ କରିବାକୁ ହୁଏ; ଏଣୁ ଶ୍ରୀମନ୍ଦିରରେ ରହିଛି ଏଇ ୨୨ ଗୋଟି ପାହାଚ। ବାଇଶି ପାହାଚର ପ୍ରଥମ ପାହାଚର ବାମପାର୍ଶ୍ୱରେ ପଶ୍ଚିମାଭିମୁଖୀ କାଶୀବିଶ୍ୱନାଥ ମନ୍ଦିର ଅବସ୍ଥିତ। କାଶୀବିଶ୍ୱନାଥ ହେଉଛନ୍ତି ବାଇଶି ପାହାଚର ପ୍ରଥମ ଦେବତା। ଶ୍ରୀଜଗନ୍ନାଥଙ୍କୁ ଭକ୍ତଜନ ଦର୍ଶନ କରିବା ପରେ ବାଇଶି ପାହାଚରେ କିଛି ସମୟ ବସନ୍ତି। ପଞ୍ଚଦଶ ଅଷ୍ଟତାତ୍ତ୍ୱିକ ଭାବ ତ୍ରିବୀଜ, ତ୍ରୀଶକ୍ତି, ତ୍ରିଗୁଣର ସମାହାର ବାଇଶି ଯାହା କି ବାଇଶି ପାହାଚରେ ପ୍ରତିଫଳିତ।

ବିଶ୍ୱାସ ରହିଛି ମହାପ୍ରଭୁଙ୍କ କରୁଣା ନହେଲେ କେହି ବି ବାଇଶି ପାହାଚ ଅତିକ୍ରମ କରିପାରିବ ନାହିଁ କି ଠାକୁରଙ୍କୁ ଦର୍ଶନ ମଧ କରିପାରିବ ନାହିଁ। ପହଣ୍ଡି ସମୟରେ ମହାପ୍ରଭୁ ଏହି ପାହାଚ ଅତିକ୍ରମ କରି ହାତୀ ପରି ଝୁଲି ଝୁଲି ଟାହିଆ ହଲାଇ ଦୁଇ ହାତ ପ୍ରସାରିତ କରି ବଡ଼ଦାଣ୍ଡର ଜନସମୁଦ୍ରକୁ ଓହ୍ଲାଇ ଆସନ୍ତି। ଏହି ବାଇଶି ପାହାଚରେ ଅସଂଖ୍ୟ ଭକ୍ତ, ଶ୍ରଦ୍ଧାଳୁ, ସାଧୁସନ୍ଥଙ୍କ ପବିତ୍ର ଚରଣ ରଜ ରଞ୍ଜିତ। ପତିତପାବନ ଯାତ୍ରା ସମୟରେ ଏହି ବାଇଶି ପାହାଚରେ ଶ୍ରୀଜୀଉଙ୍କ ଦେବୋପମ ପହଣ୍ଡି ହେଲାବେଳେ ଏଠାରେ ଅବସ୍ଥିତ ପିତୃଶିଳା ନିକଟରେ ପିତୃପୁରୁଷଗଣ, ଯଜଶୀଳା ନିକଟରେ ଚିତ୍ରଗୁପ୍ତ ଓ ଯମଦୂତ ଗଣ, ତେତିଶ କୋଟି ଦେବଗଣ, ଗନ୍ଧର୍ବ, କିନ୍ନର, ଦେବ ନର୍ତ୍ତକୀ ସମସ୍ତେ ଉପସ୍ଥିତ ଥାଆନ୍ତି ଦର୍ଶନ ପାଇଁ। ବାଇଶି ପାହାଚ ହେଉଛି ଚତୁର୍ଦ୍ଦଶ ଭୁବନ। ଭୂଃ, ଭୁବଃ, ସ୍ୱଃ, ମହଃ ଜନ, ତପ, ସତ୍ୟ, ଅତ, ସୁତଳ, ବିତଳ, ମହୀତଳ, ରସାତଳ ତଥା ପାତାଳ ଏବଂ ଅଷ୍ଟ ବୈକୁଣ୍ଠ।

ତେବେ ତତ୍ତ୍ୱର ତାତ୍ପର୍ଯ୍ୟ ଯାହା ହେଉ ନା କାହିଁକି ବାଇଶି ପାହାଚର ପବିତ୍ରତାକୁ କେହି ଅସ୍ୱୀକାର କରନ୍ତି ନାହିଁ। ବାପା ମା'ମାନେ ମାନସିକ କରି ନିଜ ଶିଶୁ ସନ୍ତାନମାନଙ୍କୁ ଏହି ସୋପାନର ଉପରୁ ତଳ ଯାଏଁ ଗଡ଼ାନ୍ତି। ଏଇ ବାଇଶି ପାହାଚକୁ ମଧ ପିତୃଲୋକର କ୍ଷେତ୍ର ବୋଲି ଗ୍ରହଣ କରାଯାଏ। ଏଣୁ ଆଶ୍ୱିନ ମାସ ପ୍ରଥମାର୍ଦ୍ଧରେ ଏଠାରେ ଯାତ୍ରୀମାନେ ମହାଳୟା ଶ୍ରାଦ୍ଧ କରନ୍ତି। ଶ୍ରାଦ୍ଧ ସାରି ଦଶମ ପାହାଚର ଏକ ଚତୁଷ୍କୋଣୀ କ୍ଷେତ୍ରରେ ପିଣ୍ଡ ଅର୍ପଣ କରାଯାଏ। ଏ ଦିନେ ବାଇଶି ପାହାଚରେ ବହୁ ପୁରୋହିତ ଓ ଯଜମାନ ଶ୍ରାଦ୍ଧରେ ବସିଥିବା ଦେଖାଯାଏ। ଶ୍ରଦ୍ଧାଳୁ ହୁଅନ୍ତୁ ବା ଭକ୍ତ ମହାପ୍ରଭୁଙ୍କୁ ଦେଖିବା ପାଇଁ ଶ୍ରୀ ମନ୍ଦିରକୁ ପ୍ରବେଶ ପରେ ଏହି ବାଇଶ ପାହାଚ ନିକଟରେ ପହଞ୍ଚି ପାଦ ଦେବା ପୂର୍ବରୁ ଭକ୍ତିପୂତ ମୁଣ୍ଡିଆଟିମାରି ଆଗକୁ ଯାଇଥାଏ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ,**
**ଦୂରଭାଷ : ୯୪୩୭୨୨୫୬୮୯,**



# ଶୀତଦିନେ ଗୋରୁଗାଈ, କୁକୁଡ଼ାଙ୍କ ରୋଗ ଓ ତା'ର ପ୍ରତିକାର:

**ଫାଟୁଆ ରୋଗ:**-ଫାଟୁଆ ରୋଗ ସମସ୍ତ ଖୁରାଯୁକ୍ତ ପ୍ରାଣୀଙ୍କଠାରେ ଦେଖାଦେଇଥାଏ । ଯଦି ଧରେ କୌଣସି ଗୋରୁଙ୍କୁ ଫାଟୁଆ ହୋଇଗଲା, ତେବେ କଥାତ ସରିଲା । ଫାଟୁଆ ରୋଗ ହେବା ଯେତେଟା ଅସୁବିଧା ନୁହେଁ; କିନ୍ତୁ ତାର ଚିକିତ୍ସା ଓ ଯତ୍ନ ସବୁଠାରୁ କଷ୍ଟକର ବ୍ୟାପାର । ଖାଲି ସେତିକି ନୁହେଁ; ଫାଟୁଆ ରୋଗରେ ପୀଡିତ ଗୋରୁ ଆରୋଗ୍ୟ ଲାଭ କଲା ପରେ ମଧ୍ୟ ତା'ର ପୂର୍ବ ସ୍ୱାସ୍ଥ୍ୟବସ୍ଥାକୁ ଫେରି ଆସିବାକୁ ବର୍ଷ ବର୍ଷ ଧରି ସମୟ ଲାଗେ । ଫାଟୁଆ ରୋଗର ଲକ୍ଷଣ ହେଲା- ଗୋରୁଙ୍କ ଉତ୍ତାପ ୧୦୪ ରୁ ୧୦୬କୁ ବୃଦ୍ଧିପାଏ । କିଛି ଖାଇବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ହଠାତ୍ ଗାଈ କ୍ଷୀର ଦେବା ବନ୍ଦ କରିଦିଏ । ଗୋରୁ ଛୋଟାଏ, ପାଟିରୁ ଲାଳ ବାହାରେ । ଗୋଡ ସନ୍ଧି, ପହ୍ନାଁ ଓ ପାଟିରେ ଘା' ହୁଏ । ତେଣୁ ଗୋଡ ଓ ପାଟି ଘା'କୁ ଭଲଭାବେ ଖାଇବା ସୋଡା ମିଶ୍ରିତ ଉଷୁମ ପାଣିରେ ଧୋଇ ଗୋଡକୁ ଆଣ୍ଟିବାଓଟିକ୍



ପାଉଡର ଦ୍ୱାରା ଡ୍ରେସିଂ କରିବା ସହ ପାଟି ଘା'ରେ ବୋରୋଗ୍ଲିସେରିନ୍ ତରଳ ମାରିଲେ ଗୋରୁ ଶିଘ୍ର ଆରୋଗ୍ୟ ଲାଭ କରେ । ଗୋରୁ ଶୀଘ୍ର ଭଲ ହେବା ପାଇଁ ଆଣ୍ଟିବାଓଟିକ୍ ଇଞ୍ଜେକ୍ସନ୍‌ର ସାହାଯ୍ୟ ନିଆଯାଇପାରେ । ଏହି ରୋଗ ନହେବା ପାଇଁ ୨ ମାସରୁ ଉର୍ଦ୍ଧ୍ୱ ବାଛୁରୀ ଓ ଗୋରୁଙ୍କୁ ଫାଟୁଆ ଟିକା ଶୀତଦିନେ **ଦେଇଦେବା ଦରକାର ।**

**ଅଢେଇଆ ରୋଗ :-** ଏହା ଏକ ଭୂତାଣୁ ଜନିତ ଯୋଗ ଏବଂ ସବୁ ବୟସ୍କ ଗୋରୁଙ୍କଠାରେ ଏହି ରୋଗ ଦେଖାଦେଇଥାଏ । ବର୍ଷା ବା ଶୀତଋତୁର ପ୍ରାରମ୍ଭରେ ଏହି ଭୂତାଣୁ ମଶା ଓ ଡାଆଁଶଙ୍କ ଦ୍ୱାରା ଏକ ସମୟରେ ଗୋଟିଏ ସ୍ଥାନରେ ବହୁ ଗୋରୁଙ୍କଠାରେ ଏହିରୋଗ ସୃଷ୍ଟି କରିଥାଏ । ସୁସ୍ଥ ସବଳ ଗୋରୁମାନେ ଅଢେଇରୁ ତିନିଦିନ ପର୍ଯ୍ୟନ୍ତ ଏହି ରୋଗରେ ପୀଡିତ ହୋଇ ଆପେ ଭଲ ହୋଇଯାଉଥିବାରୁ ଏହି ରୋଗର ନାମ ଅଢେଇଆ କୁହାଯାଇଛି । ଏହି ରୋଗରେ ଗୋରୁଙ୍କ ଶାରିରୀକ ଉତ୍ତାପ ୧୦୩ ରୁ ୧୦୭ପର୍ଯ୍ୟନ୍ତ ବୃଦ୍ଧି ପାଏ । ଶରୀର ଦୁର୍ବଳ ଦିଶେ । ଲୋକ ଟାଙ୍କୁରି ଉଠେ । ଆଖିରୁ, ପାଟିରୁ ଓ ନାକରୁ ପାଣି ବାହାରେ । ଛୋଟାଇଥାନ୍ତି । ଝାଡା ପ୍ରଥମେ କଠିନ ଓ ପରେ ପତଳା ହୁଏ । ଏହି ରୋଗର ନିୟନ୍ତ୍ରଣ ନିମନ୍ତେ ପ୍ରଥମେ ଗୋରୁଙ୍କୁ ମଶା, ଡାଆଁଶ ଓ ପତଙ୍ଗ ଦାଉରୁ ସୁରକ୍ଷା ଯୋଗାଇଦେବା ଉଚିତ । ଗୋରୁ ଆରୋଗ୍ୟଲାଭ କଲାପରେ ଭିଟାମିନ୍, ଧାତବଲବଣ ଓ ସୁସ୍ୱାଦୁ ପୁଷ୍ଟିକର ଖାଦ୍ୟ ଖୁଆଇବା ଉଚିତ ।


**ସାହାଣା ରୋଗ :-** ଏହା ଏକ ଜୀବାଣୁଜନିତ ରୋଗ ଓ ଶୀତଦିନେ ପ୍ରାପ୍ତବୟସ୍କ ପ୍ରାଣୀଙ୍କଠାରେ ସଂକ୍ରାମକ ରୋଗ ରୂପେ ଦେଖାଦେଇଥାଏ । ଏହି ରୋଗ ହେଲେ-ଗୋରୁଙ୍କ ଶାରିରୀକ ଉତ୍ତାପ ୧୦୭ ରୁ ଉର୍ଦ୍ଧ୍ୱରେ ରହେ । ତଣ୍ଟିମୂଳ ଫୁଲେ ଓ ଯନ୍ତ୍ରଣାଦାୟକ ହୁଏ । ଶ୍ୱାସକ୍ରିୟାରେ ଗୋରୁ କଷ୍ଟ ଅନୁଭବ କରନ୍ତି । ଚିକିତ୍ସା ନକଲେ, ଗୋରୁ ଶିଘ୍ର ଶିଘ୍ର ସଂକ୍ରମିତ ହୋଇ ୮-୧୦ ଦିନ ମଧ୍ୟରେ ମୃତ୍ୟୁବରଣ କରନ୍ତି । ଏହି ରୋଗର ଚିକିତ୍ସା ସ୍ୱରୂପ ସଲ୍‌ଫାଡିମିଡିନ୍ ୩୩% ଇକେ୍ସନ୍ ସହିତ ଟେଟ୍ରାସାଇକ୍ଲିନ୍ ଇକେ୍ସନ୍ ଦେଲେ ଗୋରୁ ଶୀଘ୍ର ଆରୋଗ୍ୟଲାଭ କରେ । ସମସ୍ତ ପ୍ରାପ୍ତବୟସ୍କ ଗୋରୁଙ୍କୁ ଏହି ରୋଗ ନହେବା ପାଇଁ ସାହାଣା ଟିକା ଶୀତଦିନ ଶେଷଆଡକୁ ଦେଇଦେଲେ ତାହା ଆଗାମୀ ବର୍ଷାଦିନ ପର୍ଯ୍ୟନ୍ତ ଶରୀରରେ ପ୍ରତିରୋଧକ ଶକ୍ତି ଯୋଗାଇଥାଏ ।

**ବଜବଜିଆ ରୋଗ :-** ଶୀତଦିନେ ୬ ମାସରୁ ଉର୍ଦ୍ଧ୍ୱ ସୁସ୍ଥସବଳ ବାଛୁରୀଙ୍କୁ ଏହି ରୋଗ ହେବାର ସମ୍ଭାବନା ଥାଏ । ଏହି ଯୋଗରେ ବାଛୁରୀଙ୍କ ଶାରିରୀକ ଉତ୍ତାପ ୧୦୩୦ ର ରୁ ଉର୍ଦ୍ଧ୍ୱରେ ରହେ । ବାଛୁରୀଙ୍କ ଆଗ ଗୋଡର ଉପର ଅଂଶ ବା ପଛ ଗୋଡର ଚଟୁଆ ଅଂଶ ଖୁବ୍ ଶିଘ୍ର ଫୁଲିଯାଇ ଯନ୍ତ୍ରଣାଦାୟକ ହୁଏ । ଏହାକୁ ଚିପିଲେ ନ୍ତବଜବଜନ୍ତ ଶବ୍ଦ ପରି ହୁଏ । ବାଛୁରୀ ଛୋଟାଇଥାନ୍ତି ଏବଂ ୨୪ ରୁ ୪୮ ଘଣ୍ଟା ମଧ୍ୟରେ ମୃତ୍ୟୁବରଣ କରନ୍ତି । ଏହି ରୋଗର ଚିକିତ୍ସା ପାଇଁ ବିଭିନ୍ନ ଆଣ୍ଟିବାଓଟିକ୍ ଇକେ୍ସନ୍ ଯଥା-ଟେଟ୍ରାସାଇକ୍ଲିନ୍, ପେନ୍‌ସିଲିନ୍ ଆଦି ସହିତ ଆଭିଲ, ଷ୍ଟିରଏଡ୍ ଇକେ୍ସନ୍ ଆଦିର ସାହାଯ୍ୟ ନିଆଯାଏ । ତେଣୁ ୬ ମାସରୁ ଉର୍ଦ୍ଧ୍ୱ ସମସ୍ତ ବାଛୁରୀଙ୍କୁ ବଜବଜିଆ ଟିକା ଦେବା ସହିତ ପ୍ରଥମ ଟିକା ଦିଆହେବାର ୧୦ମ ଦିନ ବୁଷ୍ଟର ଟିକା ପୁଣିଥରେ ଦେବା ଉଚିତ ।

କୁକୁଡାଙ୍କ ରୋଗ ଓ ତା'ର ପ୍ରତିକାର

**ରାଣୀକ୍ଷେତ ରୋଗ:-** ଏହା ଏକ ମାରାତ୍ମକ ଶୀତଦିନିଆ କୁକୁଡାଙ୍କ ଭୂତାଣୁଜନିତ ରୋଗ ଏବଂ ଏହାକୁ ଚୂନଝାଡା ବା ଘୁମା ରୋଗ ବୋଲି କହିଥାନ୍ତି । ଏହି ରୋଗର ୪ ପ୍ରକାର ରୂପ ବା ଲକ୍ଷଣ ପ୍ରକାଶ ପାଇଥାଏ । ଯଥା- ଭେଲୋଜେନିକ୍, ମେଶୋଜେନିକ, ଲେଣ୍ଟୋଜେନିକ୍ ଓ ଆସିମ୍‌ଟୋମାଟିକ୍ ରୂପ । ଏହି ରୋଗରେ କୁକୁଡାମାନେ ଲକ୍ଷଣ ପ୍ରକାଶ ପାଇ ବା ବିନା ଲକ୍ଷଣରେ ମୃତ୍ୟୁବରଣ କରନ୍ତି । ଏହି ରୋଗ ହେଲେ କୁକୁଡା ଚୂନଝାଡା ହେବା ସହିତ ଘୁମାଇଥାନ୍ତି । ମୂକୁଟ ବା ଚୂଳ ରକ୍ତହୀନତା ଯୋଗୁ ଶ୍ୱେତା ପଡିଲା ପରି ଦେଖାଯାଏ । ଏହି ରୋଗରେ କୁକୁଡାଙ୍କ ମୃତ୍ୟୁହାର ୯୯% । ତେଣୁ କୁକୁଡା ଚିଆଁକୁ ପ୍ରଥମ ସପ୍ତାହରେ ଏଫ୍-୧ ଲାସୋଟା ଟିକା, ୨୮ ଦିନ ବୁଷ୍ଟର ଟିକା ଏବଂ ତା'ପରେ ୬ ରୁ ୮ ସପ୍ତାହରେ ରାଣୀକ୍ଷେତ ଆର୍.ଟୁ.ବି. ଟିକା ଏବଂ ତା'ପରେ ୧୮ ରୁ ୨୨ ସପ୍ତାହ ଏବଂ ବର୍ଷକୁ ଥରେ ଏହି ଟିକା କୁକୁଡାଙ୍କୁ ଦିଆଯିବା ଉଚିତ । ଏହି ରୋଗ ଆଭିଆନ୍ ଇନ୍‌ଫ୍ଲୁଏଞ୍ଜା ରୋଗ ବା ବାର୍ଡ ଫ୍ଲୁ ର ଲକ୍ଷଣ ସହିତ ସାମସ୍ୟ ଥିବାରୁ ସମସ୍ତ କୁକୁଡାଙ୍କୁ ଛୋଟରୁ ବଡ଼ ପର୍ଯ୍ୟନ୍ତ ରାଣୀକ୍ଷେତ ରୋଗର ପ୍ରତିଷେଧକ ଟିକା ଦେଇଦେବା ଉଚିତ ।

**ଗୁମ୍ବୋର ରୋଗ:-** ଏହା ଏକ ମାରାତ୍ମକ ଭୂତାଣୁ ଜନିତ ରୋଗ ଏବଂ ଏହା ମୁଖ୍ୟତଃ ବର୍ଦ୍ଧିଷ୍ଣୁ କୁକୁଡାଙ୍କ ଠାରେ ଦେଖାଦେଇଥାଏ । ଏହାକୁ ଇନ୍‌ଫେକ୍‌ସିଅସ୍ ବର୍ଷାଲ୍ ଡିଜିଜ୍ ବା ଆଇ.ବି.ଡି. ରୋଗ କୁହନ୍ତି । ଏହି ରୋଗ ହେଲେ କୁକୁଡା ଦୁର୍ବଳ ଦେଖାଯିବା ସହ ପର ଅସଜଡା ପରିହୁଏ । ଚୂନ ଝାଡା ହୁଏ । ଏହି ରୋଗରେ ମୃତ୍ୟୁହାର ୪୦% । ଏହି ରୋଗରେ କୁକୁଡାଙ୍କ ବର୍ଷା ଫାବ୍ରିକସ୍ ସଂକ୍ରମଣ ଯୋଗୁ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଏ । ତେଣୁ କୁକୁଡାଙ୍କୁ ଗୁମ୍ବୋର ରୋଗ ଟିକା ଦେବା ଉଚିତ । ଏହି ରୋଗରେ କୁକୁଡାଙ୍କ ଗୋଡ ଫଡିଆର ଚମଡା ତଳେ ରକ୍ତଦାଗ ବା କଳା ପଡିଥିବାର ଦେଖାଯାଏ ।



**କୁକୁଡା ବସନ୍ତ ରୋଗ:-** ଏହି ଯୋଗ ଶୀତଦିନେ ମୁଖ୍ୟତଃ କୁକୁଡାଙ୍କଠାରେ ଭୂତାଣୁଜନିତ ରୋଗ ହିସାବରେ ଦେଖାଯାଏ । କୁକୁଡାଙ୍କ ମୁକୁଟ, ନାକ ଓ ଆଖି କଡ଼ରେ ବସନ୍ତ ଫୋଟକା ଚିହ୍ନ ହୁଏ । ଆଖିରେ ଖାଦ୍ୟ ଦେଖି ନ ପାରିବା ଯୋଗୁ ଆକ୍ରାନ୍ତ କୁକୁଡାମାନେ ଖାଇ ନପାରି ମୃତ୍ୟୁବରଣ କରନ୍ତି । ତେଣୁ ସମସ୍ତ ବସନ୍ତ ଫୋଟକାକୁ ଖାଇବା ସୋଡା ମିଶ୍ରିତ ଉଷୁମ ପାଣିରେ ଭଲଭାବେ ଧୋଇ ଆଣ୍ଟିବାଓଟିକ୍ ମଲମ ଲଗାଇବା ଆବଶ୍ୟକ । କୁକୁଡାଙ୍କୁ ୪୦ ରୁ ୪୨ ଦିନ ମଧ୍ୟରେ କୁକୁଡା ବସନ୍ତ ଟିକା ଦେବା ଉଚିତ ।

**ଆଭିଆନ୍ ଇନ୍‌ଫ୍ଲୁଏଞ୍ଜା ରୋଗ ବା ବାର୍ଡ ଫ୍ଲୁ:-** ଏହା ଏକ କୁକୁଡାମାନଙ୍କ ମାରାତ୍ମକ ଭୂତାଣୁ ଜନିତ ରୋଗ ଏବଂ ଏହା ମନୁଷ୍ୟଙ୍କୁ ବ୍ୟାପିଥାଏ । ଏହି ରୋଗରେ କୁକୁଡାଙ୍କ ମୁହଁ ଫୁଲିଯାଏ । କୁକୁଡାଙ୍କ ଚୁଳ ଓ ପୁଲି ମଧ୍ୟ ଫୁଲି କଳା ପଡିଯାଏ । ଚୂନପରି ପତଳା ଝାଡା ହୁଏ । ଏକ ସମୟରେ ବହୁତ କୁକୁଡା ମୃତ୍ୟୁବରଣ କରନ୍ତି । କୁକୁଡାମାନେ କିଛି ଖାଇନଥାନ୍ତି । ଅଣ୍ଡାଦେବା କମିଯାଏ ବା ଖୋଳପାବିହୀନ ଅଣ୍ଡା ଦିଅନ୍ତି । ତେଣୁ କୁକୁଡାଙ୍କ ଘର ପରିଷ୍କାର ପରିଚ୍ଛନ୍ନତା ସହ କୁକୁଡା ଫାର୍ମର ଜୈବ ନିରାପତ୍ତା ପ୍ରତି ବିଶେଷ ଧ୍ୟାନ ଦେବା ଦରକାର । ଏହା ପାଇଁ ଏ ପର୍ଯ୍ୟନ୍ତ ଟିକା ବାହାରି ନାହିଁ । ଯଦି ବାହାରିଛି, ତେବେ ଏହା ନୟମିତ ଟିକା ଭାବେ ବ୍ୟବହାର କରାଯାଇପାରିବ ନାହିଁ । କାରଣ ଏହି ରୋଗର ଭୂତାଣୁ ଖଣ୍ଡ ବିଖଣ୍ଡିତ ରୂପ ଯୋଗୁ ବାରମ୍ବାର ରୂପ ପରିବର୍ତ୍ତନ କରିଥାନ୍ତି । ତେଣୁ ଏହି ଆଭିଆନ୍ ଇନ୍‌ଫ୍ଲୁଏଞ୍ଜା ରୋଗ ପାଇଁ ନିର୍ଦ୍ଦିଷ୍ଟଭାବେ ସଂପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବା ଟିକା ଏପର୍ଯ୍ୟନ୍ତ ବାହାରିବା ସମ୍ଭବପର ହୋଇନାହିଁ ।

ଅପେରା ଆଇଟମ୍

ଶ୍ରୀଗୋବିନ୍ଦ

# ଯାତ୍ରା କେବେ ସଂସ୍କୃତି ବାହାରକୁ ନଯାଉ:

ଯାତ୍ରା ନାଟକ କେବଳ ଉଦ୍ଭଟ ସାମାଜିକ କାହାଣୀକୁ ନେଇ ରଚନା କରାଯାଉଥିବାବେଳେ ଏହାର ବାସ୍ତବ ଦିଗ କିଛି ରହୁନାହିଁ। ଅତିରଞ୍ଜିତ ଭାବେ କାହାଣୀ ନନେଇ ବାସ୍ତବଧର୍ମୀ କରିବାର ଆବଶ୍ୟକତା ରହିଛି। ଏମିତି ନୁହେଁ ଯେ ଓଡ଼ିଆ ଯାତ୍ରା ନାଟକ ଭଲ ହେଉନାହିଁ। କତିପୟ ନାଟ୍ୟକାର ନାଟକର ପରୀକ୍ଷାନିରୀକ୍ଷା କରିଛନ୍ତି ଓ ଭଲ ନାଟକ ମଧ୍ୟ ଯାତ୍ରା ଇଣ୍ଡଷ୍ଟ୍ରୀକୁ ଉପହାର ଦେଇଛନ୍ତି। କିନ୍ତୁ ଦେଖିବାକୁ ଗଲେ, ସେଭଳି ନାଟକ ଖୁବ୍ କମ୍। ନାଟକ ନାଁରେ ଆଜିକାଲି ଅନେକ ନାଟକ କରାଯାଉଛି, ଯାହା କୌଣସି ସାମାଜିକ ବାର୍ତ୍ତା ଦେଲା ଭଳି ପରିଦୃଶ୍ୟ ହେଉନାହିଁ। ଅନେକ ଦାମୀ ନାଟ୍ୟକାର ଯାତ୍ରା ଇଣ୍ଡଷ୍ଟ୍ରୀରେ ରହିଛନ୍ତି, ଯେଉଁମାନେ ଭଲ ନାଟକ ପ୍ରସ୍ତୁତ କରିପାରିବେ। କିନ୍ତୁ ପାରିପାର୍ଶ୍ୱିକ ଅନେକ ଘଟଣା ସେମାନଙ୍କୁ ଭଲ ନାଟକ ଉପହାର ଦେବାକୁ ସାହାଯ୍ୟ କରିପାରୁନି। ଏଥିପାଇଁ ପ୍ରଯୋଜକମାନେ ଯତ୍ନବାନ ହେବା ଦରକାର। ଯାତ୍ରା ଯଦି ନିଜ ସଂସ୍କୃତିର କଥା ଟିକେ କହିପାରିଲାନି, ତା'ହେଲେ ଏଭଳି ଉଦ୍ଭଟ ନାଟକ ପରିବେଷଣ କରି କିଛି ଲାଭ ନାହିଁ! ବୋଲି କୁହନ୍ତି ବୁଦ୍ଧିଜୀବୀ।

## ପୌରାଣିକ ଓ ଐତିହାସିକକୁ ଗୁରୁତ୍ୱ ଦିଆଯାଉ:

ଯାତ୍ରାରେ କେବଳ ସାମାଜିକ ନୁହେଁ ବରଂ ବିଗତ ଦିନମାନଙ୍କର ଐତିହାସିକ ଓ ପୌରାଣିକ ପୃଷ୍ଠଭୂମିକୁ ନେଇ ଅନେକ ନାଟକ ରଚନା କରଯାଇଛି। ଏପରିକି ସାମାଜିକ ନାଟକ ଅପେକ୍ଷା ଦର୍ଶକ ଏହି ନାଟକ ଗୁଡ଼ିକ ଅଧିକ ପସନ୍ଦ କରିଛନ୍ତି। ସେଭଳି ଅନେକ ଦମଦାର କାହାଣୀ ଐତିହାସିକ ଓ ପୌରାଣିକ ପୃଷ୍ଠଭୂମିରେ ରହିଥିଲେ ସୁଦ୍ଧା ଆଜିକାଲି ସେଭଳି ନାଟକ ଦେଖିବାକୁ ମିଳୁନାହିଁ। ଏଣୁ ନାଟ୍ୟକାର, ନିର୍ଦ୍ଦେଶକ ଓ ପ୍ରଯୋଜକମାନେ ଯଦି ଏଥିପ୍ରତି ଦୃଷ୍ଟି ଦିଅନ୍ତେ, ବୋଧହୁଏ ଆମର ଉତ୍ତରପିଢ଼ି ଭଲ ନାଟକ ଦେଖିବାରେ ତଥା ନିଜର ଅସ୍ମିତା ବାବଦରେ ସଚେତନ ହୁଅନ୍ତେ।



## ଲୋକନୃତ୍ୟ ପରିବେଷଣ:

ଯାତ୍ରାରେ କେବଳ ଆଧୁନିକ ଗୀତନାଚକୁ ବ୍ୟବସାୟିକ ସଫଳତା ପାଇଁ ପରିବେଷଣ କରାଯାଉଛି। ଏମିତି ପରିବେଷଣ ହେଉଛି ଯେ ଅଶ୍ଳୀଳତାର ସୀମା ଟପିଯାଉଛି। ଆମ ଓଡ଼ିଶାରେ ଅନେକ ଲୋକକଳା ରହିଛି, ଯାହାର ପ୍ରଚାର ପ୍ରସାର ହୋଇପାରୁ ନଥିବା କାରଣରୁ ବିଲୁପ୍ତ ପ୍ରାୟ ହୋଇଗଲାଣି। ଯାତ୍ରା ଏକ ପ୍ରମୁଖ ମନୋରଞ୍ଜନର ମାଧ୍ୟମ ହୋଇଥିବାରୁ ଯଦି ନୃତ୍ୟ ମଧ୍ୟରେ ଲୋକନୃତ୍ୟକୁ କିଛିମାତ୍ରାରେ ସ୍ଥାନ ଦିଆଯାଇପାରନ୍ତା, ତା'ହେଲେ ଓଡ଼ିଶାର ଲୋକନୃତ୍ୟର ପ୍ରଚାର ପ୍ରସାର ହୋଇପାରନ୍ତା ଓ ନିଜ ସଂସ୍କୃତିର ମହକ ବିଚ୍ଛୁରିତ ହୋଇପାରନ୍ତା। କେବଳ ବ୍ୟବସାୟିକ ଲକ୍ଷ୍ୟ ନୁହେଁ, ପ୍ରଯୋଜକମାନେ ଓଡ଼ିଶାର କଳା-ସଂସ୍କୃତିକୁ ବଞ୍ଚେଇବାକୁ ଚେଷ୍ଟା କରିବା ଦରକାର।

## ସରକାର ନିଅନ୍ତୁ ପଦକ୍ଷେପ:

ଓଡ଼ିଶା ଯାତ୍ରା ଇଣ୍ଡଷ୍ଟ୍ରୀ ଏକ ସର୍ବବୃହତ ମନୋରଞ୍ଜନ ଅନୁଷ୍ଠାନ ଭାବେ ଦର୍ଶକଙ୍କୁ ଆମୋଦିତ କରିଥାଏ। ଦେଖାଯାଉଛି, ଅନେକ ସଚେତକ ଯାତ୍ରା ଦର୍ଶକ ନିରାଶ ହେବାକୁ ବସିଲେଣି। କେହି କେହି ମଧ୍ୟ ମିଡିଆ ଆଗରେ କ୍ଷୋଭ ପ୍ରକାଶ କରି କହିବା ଆରମ୍ଭ କଲେଣି, ଯାତ୍ରାକୁ ବଞ୍ଚେଇବାକୁ ହେଲେ ସରକାର ଏ ଦିଗରେ ମୁଣ୍ଡ ପୂରେଇବା ଦରକାର। ଯାତ୍ରା ଦିନକୁ ଦିନ ଯେଭଳି ମୌଳିକତା ହରାଇ ଧ୍ୱଂସାଭିମୁଖୀ ହେଉଛି, ସମୟ ଆସିବ ଏହା ଶସ୍ତା ମନୋରଞ୍ଜନର ମାଧ୍ୟମ ହୋଇଯିବ ଓ ବୁଦ୍ଧିଜୀବୀ ଓ ଶିକ୍ଷିତ ଗୋଷ୍ଠୀ ଏଥିରୁ ଦୂରେଇ ଯିବେ। ଅଭିଯୋଗ କରିଥିବା ସଚେତକ ଯାତ୍ରା ଦର୍ଶକ କିଛି ଭୁଲ କହି ନାହାନ୍ତି ବୋଲି ମନେ ହୁଏ। ନାଚ ନାଁରେ ଅଙ୍ଗ ପ୍ରଦର୍ଶନ କରିବା, ଦର୍ଶକଙ୍କୁ ଉତ୍ତେଜିତ କରିବା ଓ ଖରାପ ଭାଷା ପ୍ରୟୋଗ କରୁଥିବା ନର୍ତ୍ତକୀମାନଙ୍କ ଉପରେ ଯଦି ରୋକ ଲଗା ନଯାଏ, ଏ ଯାତ୍ରାର ସ୍ଥିତି ଆହୁରୁ ଖରାପ ଆଡ଼କୁ ଗତି କରିବ। ଏବେ ଏହି ନର୍ତ୍ତକୀଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ନିଜର ଅଙ୍ଗ ପ୍ରଦର୍ଶନ ପାଇଁ ସେମାନେ ଯେଭଳି ନିଜ ଭିତରେ ପ୍ରତିଯୋଗିତା କରିବା ଆରମ୍ଭ କରିଦେଲେଣି। ଅଳ୍ପଦିନ ମଧ୍ୟରେ ଅର୍ଥ ରୋଜଗାର ପାଇଁ ଅନେରକ ମଧ୍ୟ ନିଜ ମାନସମ୍ମାନକୁ ପଛକରି ଯାତ୍ରାକୁ ଆସିବେ। ବେଳ ଥାଉ ଥାଉ ସାବଧାନ ନହେଲେ ଯାତ୍ରା ଗୁରୁତ୍ୱ ହରାଇ ବସିବ। ଅଭିଯୋଗ କରୁଥିବା ଯାତ୍ରା ଦର୍ଶକ କହୁଛନ୍ତି, ସରକାର କଡ଼ା ପଦକ୍ଷେପ ନେବା ସହିତ ଉପଯୁକ୍ତ ଦଣ୍ଡ ବିଧାନ କଲେ ଓଡ଼ିଆ କଳା, ସଂସ୍କୃତି ନିଜର ଐତିହ୍ୟ ଫେରିପାଇବ। ସରକାର ଏ ଦିଗରେ ଦୃଷ୍ଟି ଦେବେ ବୋଲି ଆଶା କରାଯାଏ।

ମିନାକ୍ଷୀ ଚୌଧୁରୀ



'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com